୬ ୫୦ ମିଟର ରାଇଫଲରେ ବ୍ରୋଞ୍ଜ ଜିତିଲେ ସ୍ୱପ୍ନିଲ କୁଶାଲେ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୮୬ ● ୨ ଅଗଷ୍ଟ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-186 ● 2nd August 2024, Friday ● Bhubaneswar | Licensed to post without pre-payment of postage No- BN-60/22-24


## କୋଟା ଭିତରେ କୋଟା ରଖାଯାଇପାରିବ : ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

**ନୂଆଦିଲ୍ଲୀ, ୧।୮**

ସଂରକ୍ଷଣ ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ବର୍ତ୍ତମାନ ଅନୁସୂଚିତ ଜାତି ଓ ଜନଜାତିଙ୍କ କୋଟା ଭିତରେ କୋଟା ରଖାଯାଇପାରିବ। ରାଜ୍ୟଗୁଡ଼ିକ ଏସ୍‌ସି/ଏସ୍‌ଟିଙ୍କ ମଧ୍ୟରେ ଉପ-ବର୍ଗ କରି ପାଠପଢ଼ା ଓ ଚାକିରିରେ ସ୍ଥାନ ସଂରକ୍ଷଣ କରିପାରିବେ। ଗୁରୁବାର ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ସୂଚନା ଅନୁଯାୟୀ, ୨୦୦୪ରେ ଦେଇଥିବା ନିଜର ଏକ ରାୟକୁ ଖାରଜ କରି ସୁପ୍ରିମକୋର୍ଟ କହିଛନ୍ତି, ସବୁ ଏସ୍‌ସି/ଏସ୍‌ଟିଙ୍କ ମଧ୍ୟରେ ସମସ୍ତଙ୍କ ସ୍ଥିତି



ସମାନ ନୁହେଁ। କିଏ ଅଧିକ ଅବହେଳିତ ତ କିଏ ଅପେକ୍ଷାକୃତ ଭଲରେ ଅଛି। ତେଣୁ ଅଧିକ ପଛୁଆ ଥିବା ବର୍ଗର ଲୋକଙ୍କୁ ସଂରକ୍ଷଣ ଦେବା ପାଇଁ ଏସ୍‌ସି/ଏସ୍‌ଟି କୋଟା ମଧ୍ୟରେ କୋଟା ରଖାଯାଇପାରିବ।

ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୭ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ତେବେ ୭ ବିଚାରପତିଙ୍କ ମଧ୍ୟରୁ ଜଣେ ଭିନ୍ନ ରାୟ ଦେଇଥିଲେ। ସୁପ୍ରିମକୋର୍ଟ କହିଛନ୍ତି, ସଂରକ୍ଷଣ ଭିତରେ ସଂରକ୍ଷଣ ଦେବା ପାଇଁ ଉପଯୁକ୍ତ ଡାଟା ଥିବା ଦରକାର। ଗୋଟିଏ ବର୍ଗରେ ଲୋକଙ୍କୁ ସଂରକ୍ଷଣର ସୁବିଧା ମିଳୁନଥିବାର ପ୍ରମାଣ ଥିବା ଦରକାର ବୋଲି କୋର୍ଟ କହିଛନ୍ତି।

## ବଙ୍ଗୋପସାଗରରେ ପୁଣି ଘୂର୍ଣ୍ଣିବଳୟ, ଆଜି ଲଘୁଚାପ: ଆଇଏମ୍‌ଡି

**ଭୁବନେଶ୍ୱର, ୧।୮**
**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଉତ୍ତର ଓ ଉତ୍ତର ବଙ୍ଗୋପସାଗରରେ ଘନୀଭୂତ ହୋଇ ଶୁକ୍ରବାର ସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ଆରମ୍ଭ ହୋଇଛି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ। ଆଉ କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅର୍ଥାତ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ବର୍ଷା ହେବ। ଏ ନେଇ ସୂଚନା ଦେଇଛନ୍ତି ଆଇଏମ୍‌ଡି ନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର।

ବର୍ଷା ଯୋଗୁ ବନ୍ୟା ହେବାର ସମ୍ଭାବନା ଅଛି କି ଏକ ପ୍ରଶ୍ନରେ ଆଇଏମ୍‌ଡି ନିର୍ଦ୍ଦେଶକ କହିଛନ୍ତି ବନ୍ୟା ବହୁ ଫ୍ୟାକ୍ଟର ଉପରେ ନିର୍ଭର କରିଥାଏ। ଏହା କେବଳ ବର୍ଷା ଯୋଗୁ ହୋଇଥାଏ, ତାହା ଠିକ ନୁହେଁ ହେଲେ ୨୦



ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର ଓଡ଼ିଶାରେ ବେଶୀ ବର୍ଷା ହୋଇନାହିଁ। ଉତ୍ତର ଓଡ଼ିଶାରେ ବେଶୀ ବର୍ଷା ହେଲେ ବନ୍ୟା ସୃଷ୍ଟି ହେବାର ସମ୍ଭାବନା କମ ରହିଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେ, ରାଜ୍ୟରେ କିଛିଦିନ ହେବ ବର୍ଷା ଲାଗି ରହିଛି। ତେବେ କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ଜିଲ୍ଲାପାଳଙ୍କୁ ସତର୍କ କରାଇଛନ୍ତି ଏସ୍‌ଆରସି ସତ୍ୟବ୍ରତ ସାହୁ। ତେବେ ବଲାଙ୍ଗୀର, ମୟୂରଭଞ୍ଜ, ସମ୍ବଲପୁର ଓ ପୁରୀ ଜିଲ୍ଲାପାଳଙ୍କୁ ହାଇଆଲର୍ଟ ଜାରି କରାଯାଇଛି। ଏଥିସହିତ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପାରେ ବୋଲି ସତର୍କ ସୂଚନା ଦିଆଯାଇଛି। ଏପରିକି ତଳିଆ ଅଞ୍ଚଳ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ଆରସି।

## ୧୬ ପର୍ଯ୍ୟନ୍ତ ଦିଲ୍ଲୀ ଉପରେ ଉଡ଼ିପାରିବନି ଡ୍ରୋନ

**ନୂଆଦିଲ୍ଲୀ, ୧।୮**

ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ଦେଶର ରାଜଧାନୀ ଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ ହେବାର ଆଶଙ୍କା ରହିଛି। ଏ ନେଇ ଗୁଇନ୍ଦା ଏଜେନ୍ସିମାନେ ସତର୍କ କରାଇବା ପରେ ଆକ୍ସନ ମୋଡକୁ ଆସିଯାଇଛି ଦିଲ୍ଲୀ ପୁଲିସ। ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଅରୋରା ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ ଦିଲ୍ଲୀରେ ପାରାଗ୍ଲାଇଡର, ପାରା ମୋଟର୍ସ, ହ୍ୟାଙ୍ଗ ଗ୍ଲାଡର, ୟୁଏଭି, ୟୁଏଏସ, ମାଇକ୍ରୋଲାଇଟ ଏୟାରକ୍ରାଫ୍ଟ, ହଟ ଏୟାର ବେଲୁନ୍, ପାରା ଜମ୍ପିଂ ଏବଂ ଡ୍ରୋନ ଉଡାଣକୁ ନିଷିଦ୍ଧ *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ହିମାଚଳ ଓ ଉତ୍ତରାଖଣ୍ଡରେ ଜଳ ପ୍ରଳୟ, ୧୩ ମୃତ

**ନୂଆଦିଲ୍ଲୀ, ୧।୮**

ଉତ୍ତର ଭାରତରେ ଦାଉ ସାଧୁଛି ପ୍ରକୃତି। ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡରେ ଦେଖିବାକୁ ମିଳିଛି ପ୍ରକୃତିର ତାଣ୍ଡବ। ଉଭୟ ରାଜ୍ୟରେ ବାଦଲ ଫଟା ବର୍ଷା ଯୋଗୁ ଜଳ ପ୍ରଳୟ ପରିସ୍ଥିତି ସୃଷ୍ଟି ହୋଇଛି। କେଉଁଠି ଡ୍ୟାମ କାନ୍ଥ ଭାଙ୍ଗିଛି ତ ଆଉ କେଉଁଠି ଘର ଧୋଇ ହୋଇଯାଇଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଲୋକ *(ପୃଷ୍ଠା ୭ରେ)*



## ପ୍ରଥମ ଥର ପାଇଁ ୨୫୦୦୦ ପଏଣ୍ଟ ଟପିଲା ନିଫ୍‌ଟି

**ମୁମ୍ବାଇ, ୧।୮**

ଅଗଷ୍ଟ ମାସର ପ୍ରଥମ କାରବାର ଅଧିବେଶନ ଭାରତୀୟ ଷ୍ଟକ ବଜାର ପାଇଁ ଐତିହାସିକ ରହିଛି। ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍‌ଟି ପ୍ରଥମ ଥର ପାଇଁ ସର୍ବକାଳୀନ ସର୍ବୋଚ୍ଚ ସ୍ତର ୨୫,୦୦୦ ପଏଣ୍ଟ ଅତିକ୍ରମ କରିବାରେ ସଫଳ ହୋଇଥିବା ବେଳେ ବିଏସଇ ସେନ୍ସେକ୍ସ ମଧ୍ୟ ୮୨,୦ ଟପି ୮୨,୧୨୯.୪୯ ର ଐତିହାସିକ ସର୍ବୋଚ୍ଚ *(ପୃଷ୍ଠା ୭ରେ)*



## ଆମେ ରିଲ୍ସ ଅପେକ୍ଷା କାମରେ ବିଶ୍ୱାସ କରୁ: ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



**ନୂଆଦିଲ୍ଲୀ, ୧।୮**

ସଂସଦରେ କଂଗ୍ରେସ ଅଭିଯୋଗର ଉତ୍ତର ଦେଉ ଦେଉ ରାଗିଗଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଆଉ ଏହାପରେ ବିରୋଧୀଙ୍କ ଉପରେ ବର୍ଷିଥିଲେ। ସିଧା ସିଧା କଂଗ୍ରେସକୁ ଟାର୍ଗେଟ କରିବା ସହିତ ସେ କହିଥିଲେ, ଆମେ କେବଳ ରିଲ୍ସ ବନେଇବା ଲୋକ ନୁହଁ, ଆମେ ଲୋକଙ୍କ ପାଇଁ କଠିନ ପରିଶ୍ରମ କରୁ। ଗୁରୁବାର ଗୃହରେ ଉତ୍ତର ଦେବାବେଳେ ରେଳ ଦୁର୍ଘଟଣାକୁ ନେଇ ବିରୋଧୀଙ୍କ ହଙ୍ଗାମା ପରେ ଅଶ୍ୱିନୀ ବୈଷ୍ଣବ ଏ ପ୍ରକାର ବୟାନ ଦେଇଥିଲେ।

ଏହି ସମୟରେ ବିରୋଧୀମାନେ ହଙ୍ଗାମା କରିଥିଲେ। ଯାହାପରେ ଅଶ୍ୱିନୀ ବୈଷ୍ଣବ ବିରକ୍ତି ପ୍ରକାଶ କରି କହିଥିଲେ, ସେମାନଙ୍କୁ ପଚରାଯିବା ଦରକାର ଯେ, ସରକାରରେ ୫୮ ବର୍ଷ ରହିବା ପରେ ବି ଏକ କିଲୋମିଟର ଅଟୋମେଟିକ ଟ୍ରେନ *(ପୃଷ୍ଠା ୭ରେ)*

### ଏକାଳ ସକାଳ



ପ୍ରତିଦିନ ନେତା ରଙ୍ଗ ବଦଳାନ୍ତି
ଦେଖିଶୁଣି ଆସେ ମଜା
ସଲଜ ଏଇଠି ନିର୍ଲଜ ସାଜିଛି
ନିର୍ଲଜକୁ ଆସେ ଲଜ୍ଜା
ବଜେଇ ବିଗୁଲ ବାଜା
ଦଳଗୁଡାକ ବାକ୍‌ଯୁଦ୍ଧ କରି
ସାଜନ୍ତି କଥାରେ ରାଜା।

## ବିଜେପିରେ ଯୋଗଦେଲେ ମମତା ମହାନ୍ତ




**ନୂଆଦିଲ୍ଲୀ, ୧।୮**

ବୁଧବାର ରାଜ୍ୟସଭା ସଭ୍ୟପଦ ଓ ବିଜେଡିରୁ ଇସ୍ତଫା ଦେଇଥିବା ମମତା ମହାନ୍ତ ଗୁରୁବାର ବିଜେପିରେ ଯୋଗଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ସେ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି। ବିଜେପି ସାଧାରଣ ସଂପାଦକ ଅରୁଣ ସିଂହ ଓ ପ୍ରଭାରୀ ବିଜୟପାଲ ସିଂ ତୋମାର ପୁଷ୍ପଗୁଚ୍ଛ ଦେଇ ଶ୍ରୀମତୀ ମହାନ୍ତଙ୍କୁ ସ୍ୱାଗତ କରିଛନ୍ତି।

ବିଜେପିରେ ଯୋଗଦେବା ପରେ ମମତା ମହାନ୍ତ କହିଛନ୍ତି, ଲୋକମାନେ ମୋର ସମ୍ପତ୍ତି। ଲୋକଙ୍କ ସେବା ହିଁ ଏକମାତ୍ର ଲକ୍ଷ୍ୟ। ବିଜେଡ଼ିରେ ଅଣଦେଖା କରାଗଲା, ସେବା ସୁଯୋଗ ପାଇଲିନି। ବିଜେଡ଼ିରେ ମୋର ଆଉ ଆବଶ୍ୟକତା ଲୋଡ଼ା ପଡୁନି ଅନୁଭବ କଲି। ଲୋକଙ୍କ ସେବା, କୁଡୁମୀ ସମାଜର ଉନ୍ନତି ପାଇଁ ବିଜେପିରେ ମିଶିଲି ବୋଲି ମମତା କହିଛନ୍ତି।

ମମତା ମହାନ୍ତ ବିଜେପିରେ ମିଶିବା ନେଇ ସାଂସଦ ପ୍ରଦୀପ ପାଣିଗ୍ରାହୀ କହିଛନ୍ତି, *(ପୃଷ୍ଠା ୭ରେ)*

## ଘରକୁ ଫେରିବେ ସୁନୀତା ୱିଲିୟମ୍ସ, ନାସାକୁ ମିଳିଲା ବଡ଼ ସଫଳତା



**ନୂଆଦିଲ୍ଲୀ, ୧।୮**

ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବଚିଲମୋରଙ୍କୁ ପୃଥିବୀକୁ ଫେରାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ନାସା ଏବଂ ବୋଇଙ୍ଗ ଷ୍ଟାରଲାଇନର ମହାକାଶଯାନର ଏକ ହଟ ଫାୟାର ପରୀକ୍ଷା ସଫଳତାର ସହ ସମାପ୍ତ କରିଛନ୍ତି।

ଏହି ପରୀକ୍ଷା ସମୟରେ ଦୁଇ ମହାକାଶଚାରୀ ଡକ ସ୍ପେସକ୍ରାଫ୍ଟରେ ଥିଲେ, ଯାହା ଆନ୍ତର୍ଜାତୀୟ ସ୍ପେସ ଷ୍ଟେସନ (ଆଇଏସ୍‌ଏସ୍) ରୁ ଫେରିବା ପାଇଁ ପ୍ରସ୍ତୁତିର ଏକ ଅଂଶ।

ଏହି ପରୀକ୍ଷାରେ ଥ୍ରଷ୍ଟର କାର୍ଯ୍ୟଦକ୍ଷତା ଏବଂ ହିଲିୟମ ଲିକ ହାରକୁ ଆକଳନ କରିବା ପାଇଁ ମହାକାଶଯାନର ୨୮ ଟି ଜେଟ ମଧ୍ୟରୁ ୨୭ଟି କ୍ଷୁଦ୍ର ବିସ୍ଫୋରଣ କରାଯାଇଥିଲା। ପ୍ରାଥମିକ ଫଳାଫଳରୁ ସୂଚନା ମିଳିଛି ଯେ ସମସ୍ତ ପରୀକ୍ଷିତ ଥ୍ରଷ୍ଟରଗୁଡିକ ଥ୍ରଷ୍ଟ ଏବଂ ଚାମ୍ବର ଚାପ ଉପରେ ଆଧାର କରି ପ୍ରିଫ୍ଲାଇଟ ସ୍ତରରେ ପ୍ରଦର୍ଶନ *(ପୃଷ୍ଠା ୭ରେ)*


KIIT-DU AWARDED PRESTIGIOUS UN ECOSOC SPECIAL CONSULTATIVE STATUS

www.kiit.ac.in



KIIT Deemed to be University has been granted the distinguished **Special Consultative Status by the United Nations Economic and Social Council (UN ECOSOC), recognizing the University's substantial contributions to the Sustainable Development Goals (SDGs).**

**The status was conferred during the UN ECOSOC management segment meeting held on July 23, 2024, at the United Nations Headquarters in New York.**

This recognition underscores KIIT's unwavering commitment to the United Nations' Agenda 2030 and the SDGs. Attaining Special Consultative Status marks a significant milestone, positioning KIIT among a select group of universities globally that have earned this esteemed distinction.

KIIT is the only Professional/Technical university in India to achieve UN ECOSOC Special Consultative Status.

In India, both KIIT and Kalinga Institute of Social Sciences (KISS) in Odisha are proud to get this prestigious award.

KISS has already been awarded with UN ECOSOC Special Consultative Status in 2015 and has been continuing with this status till date.

Partnership with UN VOLUNTEERS

KIIT has entered into **partnership with UN Volunteers (UNV), opening a remarkable opportunity for its students to engage with various UN agencies to serve as 'National University UN Volunteers'.**

This initiative is a **first of its kind by any private university in South Asia.** KIIT is the **only university in South Asia to get UNV status for engaging students for internship.**

**23 Olympians** in 20 Years

KIIT has produced **23 Olympians** and **2 Paralympian** in 20 years representing India at 2016 Rio Olympics, 2020 Tokyo Olympics, & 2024 Paris Olympics.

KIIT holds the **unique distinction of sending the highest number (15) of athletes to the Paris Olympics 2024** among any universities in India.

Collaboration with **American Council of Young Political Leaders (ACYPL)**

**The American Council of Young Political Leaders (ACYPL), a global leader in fostering international understanding and diplomacy, has announced its historic collaboration** with the Kalinga Institute of Social Sciences (KISS) and KIIT.

With the steadfast support of the U.S. Department of State and a score of other partners, over 8,900 leaders in the U.S. and in 129 countries and territories around the world have travelled on its life-changing exchange programs.

**Collaboration with ACYPL provides a very prestigious opportunity for KIIT students to engage with political diplomats, who will visit KIIT & KISS from across world, and enter into internship programme.**

THE WORLD UNIVERSITY RANKINGS — Rankings: **Times Higher Education**

KIIT-DU has consistently secured impressive positions in various national and global university rankings. Its position in the recent rankings published by the prestigious Times Higher Education reflects its global excellence.

Young University Rankings 2024
**World Rank: 168 India Rank: 10**

Impacts Rankings 2024
**SDG#10-Reduced Inequalities**
**World Rank: 6 India Rank: 1**

KIIT is only 27 years old as an institute (1997 – 2024) and 21 years old as a university.

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.





# ଡାକ୍ତର ଅଭାବ : ବହୁ ପ୍ରାଣୀଙ୍କ ଯାଉଛି ଜୀବନ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ଗାଇଗୋରୁ, ଛେଳି ମେଣ୍ଢା ଓ ଘୁଷୁରିଙ୍କ ପାଇଁ ଏବେ ଭଗବାନ ହିଁ ଭରସା। ଜିଲ୍ଲାରେ ୧୩ଟି ପଶୁ ଚିକିତ୍ସାଳୟ ରହିଥିବା ବେଳେ ଡାକ୍ତର ଅଭାବ କାରଣରୁ ଗାଇଗୋରୁଙ୍କ ଚିକିତ୍ସାରେ ବାଧକ ସାଜିଛି। ଜିଲ୍ଲାର ସାତୋଟି ବ୍ଲକରେ ପ୍ରାୟ ୫ ଲକ୍ଷ ଗାଇଗୋରୁ, ଛେଳିମେଣ୍ଢା ଓ ଘୁଷୁରି ରହିଥିବା ବେଳେ ଏମାନଙ୍କୁ ପାଳୁଥିବା ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ଜିଲ୍ଲାରେ ୪୨ ଜଣ ସିଡିଭିଓ,ଏସଡିଭିଓ, ଏଡିଭିଓ(ଏଲପି), ଏଡିଭିଓ(ଡିସି), ଏଡିଭିଓ(ଏଡବ୍ଲୁ), ଡିଡି (ଡିଭିଏଚ), ଏଭିଏସ, ବିଭିଓ, ଡିଟିସି ଭିଏଏସ, ବିଏଏସ୍ (ବ୍ଲକ), ଭିଏଏସ (ଏମଭିୟୁ) ରହିବା କଥା, କିନ୍ତୁ ବର୍ତ୍ତମାନ ଜିଲ୍ଲାର ୧୩ଟି ସେଣ୍ଟରରେ ମାତ୍ର ୨୩ ଜଣ ରହିଛନ୍ତି। ସାତୋଟି ବ୍ଲକରେ ଥିବା ପଶୁ ଚିକିତ୍ସାଳୟ ଗୁଡିକରେ ଜଣେ ହେଲେ ପଶୁ ଡାକ୍ତର ନାହାନ୍ତି। ସେହିପରି ସାତୋଟି ବ୍ଲକରେ ଆଉ ଗୋଟିଏ ଲେଖାଏଁ ଥିବା ଅନ୍ୟ ପଶୁ ଚିକିତ୍ସାଳୟରେ ମାତ୍ର ୩ ଜଣ ଡାକ୍ତର ରହିଛନ୍ତି। ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଚାରୋଟି ଗ୍ରୁପ କରାଯାଇଛି। କେଉଁ କର୍ମଚାରୀ କେଉଁ ଗ୍ରୁପ୍‌ରେ ରହିବେ ତାହା ଉଲ୍ଲେଖ କରାଯାଇଛି। ଏ-ଗ୍ରୁପରେ ୪୨ ଜଣ କର୍ମଚାରୀ ଦରକାର ପଡୁଥିବା ବେଳେ ଅଛନ୍ତି ମାତ୍ର ୨୩ ଜଣ। ସେହିପରି ବି-ଗ୍ରୁପରେ ୨ ଜଣ ସ୍ଥାନରେ ଜଣେ, ସି-ଗ୍ରୁପରେ ୮୮ ଜଣଙ୍କ ସ୍ଥାନରେ ୨୭ ଜଣ ଏବଂ ଡି-ଗ୍ରୁପରେ ୩୫ ଜଣଙ୍କ ସ୍ଥାନରେ ୧୧ ଜଣ ଅଛନ୍ତି। ତେବେ ମୋଟରେ ୧୬୭ ଜଣଙ୍କ ସ୍ଥାନରେ ଜିଲ୍ଲାର ମାତ୍ର ୬୨ ଜଣ କର୍ମଚାରୀ ରହିଥିବା ଜଣାପଡ଼ିଛି। ଆହୁରି ୧୦୫ଟି ପଦବୀ ଏବେ ବି ଖାଲି ପଡିଛି। ଜିଲ୍ଲାରେ ୩,୦୦,୮୧୧ଟି ଗାଇଗୋରୁ ରହିଥିବା ବେଳେ ୬,୪୦୦ ମଇଁଷି, ମେଣ୍ଢା ୨୦,୫୩୨ଟି, ଛେଳି ୧,୨୬,୫୧୬ଟି ଏବଂ ଘୁଷୁରି ୧୭,୦୪୦ଟି ରହିଛନ୍ତି। ତେବେ ଏତେ ସଂଖ୍ୟକ ଗୃହପାଳିତ ପଶୁଙ୍କ ପାଇଁ ଡାକ୍ତର ଅଭାବ ଥିବା ଯୋଗୁଁ ଚିକିତ୍ସା ନପାଇ ବହୁ ପ୍ରାଣୀଙ୍କର ଅକାଳରେ ଜୀବନ ଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। କୋରକୋଣ୍ଡା ବ୍ଲକରେ ସର୍ବାଧିକ ୭୦ ହଜାର ଗାଇଗୋରୁ ରହିଥିବା ବେଳେ ଖଇରୁପଟ ବ୍ଲକରେ ୧୪ ହଜାର ଗାଈଗୋରୁ ରହିଛନ୍ତି। ଚିକିତ୍ସା ନପାଇ ବହୁ ପ୍ରାଣୀଙ୍କର ଅକାଳରେ ଜୀବନ ଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। କୋରକୋଣ୍ଡା ବ୍ଲକରେ ସର୍ବାଧିକ ୭୦ ହଜାର ଗାଇଗୋରୁ ରହିଥିବା ବେଳେ ଖଇରପୁଟ ବ୍ଲକରେ ୧୪ ହଜାର ଗାଈଗୋରୁ ରହିଛନ୍ତି। ବହୁ ପଶୁ ଚିକିତ୍ସାଳୟରେ ଆଟାଣ୍ଡାଂଟମାନେ ଗାଈଗୋରୁଙ୍କ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। ପଶୁ ଚିକିତ୍ସକଙ୍କ ଅଭାବ ଏବଂ ବହୁ ସମୟରେ କୌଣସି କର୍ମଚାରୀ ପଶୁ ଚିକିତ୍ସାଳୟରେ ରହୁନଥିବାରୁ ଚାଷୀ ଆଗକୁ ଗୃହପାଳିତ ପଶୁଙ୍କୁ ପାଳିବା ପାଇଁ କୁଣ୍ଠାବୋଧ କରୁଥିବା ଦେଖିବାକୁ ମିଳିଛି। ମାଲକାନଗିରି ସହରରେ ଶହ ଶହ ଗାଈଗୋରୁ ଖୋଲାମେଲାରେ ନିଜର ଜୀବନ ବିତାଉଛନ୍ତି। ଲୋକେ ଗାଈ ରଖୁଛନ୍ତି ସିନା କେବଳ କ୍ଷୀର ପାଇଁ। ବହୁ ସମୟରେ ଗାଈଗୋରୁ ଦୁର୍ଘଟଣାଗ୍ରସ୍ତ ହେଲେ ନା ମାଲିକ ତା'ର ଚିକିତ୍ସା କରାଉଛି ନା ପଶୁ ଚିକିତ୍ସାଳୟ ତରଫରୁ କେହି ନିଜ ଉଦ୍ୟମରେ ଚିକିତ୍ସା କରାଉଛନ୍ତି। ବିଚରା ପ୍ରାଣୀ ଗୋଟିଏ ସ୍ଥାନରେ ପଡି ରହି ମୃତ୍ୟୁକୁ ଅପେକ୍ଷା କରୁଥିବା ଦେଖିବାକୁ ମିଳିଛି। କିଛି ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଅସହାୟ ପ୍ରାଣୀଙ୍କର ଚିକିତ୍ସା କରାଯାଇପାରୁଛି। ଏପରି ସ୍ଥଳେ ତୁରନ୍ତ ସମସ୍ତ ପଶୁ ଡାକ୍ତରଖାନାରେ ପଶୁ ଚିକିତ୍ସକଙ୍କ ନିଯୁକ୍ତି ସାଙ୍ଗକୁ ଅନ୍ୟ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହୋଇଛି।

## ଜଙ୍ଗଲ ଜମିକୁ ଜବର ଦଖଲ କରିବା ମାମଲା

# ସରକାରୀ ନୋଟିସ୍‌କୁ ନେଇ ମାଙ୍କିଡ଼ିଆ ବସ୍ତିରେ ତୀବ୍ର ପ୍ରତିକ୍ରିୟା



**କଳିଙ୍ଗନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ସୁକିନ୍ଦା ଖଣି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଜବର ଦଖଲ କରି ରହିଥିବା ଲୋକମାନଙ୍କୁ ଗତ ସପ୍ତାହରେ ସୁକିନ୍ଦା ତହସିଲରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଏହି ଅନୁଯାୟୀ ସୋମବାର ଦିନ ରାଁଷୋଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଙ୍କିଡିଆ ବସ୍ତିର ୭ ଜଣ ଘର ମାଲିକ ସୁକିନ୍ଦା ତହସିଲଦାରଙ୍କ ନିକଟରେ ହାଜର ହୋଇଥିଲେ। ମାଙ୍କିଡିଆ ବସ୍ତିର ସର୍ବଶ୍ରୀ ପ୍ରକାଶ ତିରିୟା, ନିମ ବାହାଦୁର ରାଣା, ନାମ ହେମ୍ବ୍ରମ, ଚିରଞ୍ଜିନ କାରୁଆ, ରାକେଶ ଶାସନି, ରଞ୍ଜନ ନାୟକ ଏବଂ ଧନେଶ୍ୱର ମହାନ୍ତ ସୁକିନ୍ଦା ତହସିଲଦାରଙ୍କ ନିକଟରେ ଉପସ୍ଥିତ ହୋଇଥିଲେ। ଏମାନଙ୍କ କହିବା ମୁତାବକ ଯେଉଁମାନେ ଏଠାରେ ୩ ପୁରୁଷରୁ ଘର କରି ରହିଆସୁଛନ୍ତି। କେବଳ ସେହିମାନଙ୍କୁ ଏହି ଅଞ୍ଚଳରେ ରହିବାକୁ ବନ୍ଦୋବସ୍ତ କରାଯିବ। ଏହି ଖବର ଏଠାରେ ଶୁଣିବା ପରେ ମାଙ୍କିଡିଆ ବସ୍ତିରେ ଏକ ଭୟ ଆଉ ଉଦ୍‌ବେଗର ବାତାବରଣ ଖେଳିଯାଇଥିବାର ପରିଲକ୍ଷିତ ହୋଇଛି। ସୋମବାର ସନ୍ଧ୍ୟାରେ ପ୍ରାୟ ତିନିଶହ ବସ୍ତିବାସିନ୍ଦା ଏକତ୍ରିତ ହୋଇ ଏସମ୍ପର୍କରେ ବ୍ୟାପକ ବିଚାର ଆଲୋଚନା କରିଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଜଣେ ଗିରଫ, ଜଣେ ଫେରାର୍

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା କୁଆଖିଆ ଡିଭିଜନ ବ୍ରହ୍ମବରଦା ବିଦ୍ୟୁତ୍ କାର୍ଯ୍ୟାଳୟର ୩ ଜଣ କର୍ମଚାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି ଏବଂ ଅନ୍ୟ ଜଣେ ଯୁବକ ଫେରାର ହୋଇଯାଇଥିବା ଜଣାପଡିଛି। ଖୁବ୍ ଶୀଘ୍ର ତାକୁ ଗିରଫ କରାଯିବ ବୋଲି ପୋଲିସ କହିଛି। ଗିରଫ ଯୁବକ ଜଣକ ହେଲେ ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ଅର୍ଥଙ୍ଗା ଗ୍ରାମର ବାବୁ ମଳିକଙ୍କ ପୁଅ ନଣ୍ଡା ବୋଲି ଜଣାପଡିଥିବା ବେଳେ ଏହି ଗ୍ରାମର ଅଲିଆ ମଳିକଙ୍କ ପୁଅ କାହ୍ନୁଆ ଫେରାର ହୋଇଯାଇଥିବା ଜଣାପଡିଛି। ଅଭିଯୋଗ ମୁତାବକ, ରସୁଲପୁର ବ୍ଲକ ଅର୍ଥଙ୍ଗା ଅଞ୍ଚଳରେ ୧୧ କେଭି ତାର ଛିଡିଥିବା ନେଇ ଖବର ଆସିଥିଲା। ଫଳରେ ବହୁ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଘଟଣାସ୍ଥଳକୁ ବିଦ୍ୟୁତ୍ କର୍ମଚାରୀ ସିଦ୍ଧେଶ୍ୱର ପାଢୀ, ହୃଷିକେଶ ଜେନା ଓ ନାରାୟଣ ବେହେରା ପ୍ରମୁଖ ଯାଇଥିଲେ। ଅର୍ଥଙ୍ଗା ନିକଟରେ କେହି ସୁଇଜ ପକାଇ ଦେଇଥିଲେ। ଫଳରେ ବିଦ୍ୟୁତ ସରବରାହ ବନ୍ଦ ହୋଇ ଯାଇଥିବା ଜାଣିବାକୁ ପାଇଥିଲେ। ଏହି ସମୟରେ ସେମାନଙ୍କ ନିକଟକୁ ନଣ୍ଡା ଓ କାହ୍ନୁଆ ତିନି ଜଣ ବିଦ୍ୟୁତ୍ କର୍ମଚାରୀଙ୍କୁ କାମ ନ କରିବା ପାଇଁ କହିବା ସହ ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ସେମାନଙ୍କୁ ମାଡ ମାରିଥିଲେ। ସେମାନେ ସେଠାରୁ ପଳାଇ ଆସି ବ୍ରହ୍ମବରଦା ଥାନାରେ ଏନେଇ ସିଦ୍ଧେଶ୍ୱର ଦୁହିଁଙ୍କ ନାମରେ ଏତଲା ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ଥାନା ଅଧିକାରିଣୀ ଅଂଶୁମାଳା ଦାସ ସଦଳବଳେ ପହଞ୍ଚି ବିଦ୍ୟୁତ୍ କର୍ମଚାରୀଙ୍କ ଦ୍ୱାରା ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ଘଟଣା ସ୍ଥଳରୁ ନଣ୍ଡାକୁ ଥାନାକୁ ଆଣି ପଚରାଉଚୁରା କରିବା ପରେ କୋର୍ଟଚାଲାଣ କରିଥିବା ବେଳେ କାହ୍ନୁଆଁ ଫେରାର ହୋଇଯାଇଥିବା ଜଣାପଡିଛି। ତାକୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

## ବସ୍ -ଅଟୋ ଧକ୍କା : ୩ ମୃତ

**ମିର୍ଜାପୁର, ନ୍ୟୁଜ୍‌ବ୍ୟୁରୋ**

ବିନ୍ଧ୍ୟାଚଳ ଥାନା ଅନ୍ତର୍ଗତ ମହୋଖର ଗ୍ରାମ ନିକଟରେ ରବିବାର ସକାଳେ ଏକ ବସ୍ ଅଟୋକୁ ଧକ୍କା ଦେବା ଫଳରେ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ କେତେକ ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅଟୋରେ ଯାତ୍ରୀମାନେ ପ୍ରୟାଗରାଜରୁ ବିନ୍ଧ୍ୟାଚଳ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ସ୍ଥାନୀୟ ଗ୍ରାମବାସୀ ମାନେ ଏନେଇ ପୋଲିସକୁ ସୂଚନା ଦେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ତିନି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ହସ୍ପିଟାଲକୁ ପଠାଇଥିଲା। ପୋଲିସ ଏନେଇ ଅଧିକ ତଦନ୍ତ କରୁଛି।

# ମଲ୍ଲିମାହାରା ପୋଲ ନିର୍ମାଣରେ ନିୟୋଜିତ ଶ୍ରମିକଙ୍କୁ ଶୋଷଣ ଅଭିଯୋଗ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**



ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁର ମଲ୍ଲିମାହାରା ଏସକେପ ଉପରେ ପୋଲ ନିର୍ମାଣରେ ନିୟୋଜିତ ମହିଳା ଶ୍ରମିକଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଠିକାଦାର ଶ୍ରମିକଙ୍କୁ ସେମାନଙ୍କ ପ୍ରାପ୍ୟ ନ ଦେଇ ଯଥେଷ୍ଟ କମ୍ ପାରିଶ୍ରମିକ ଦେଉଥିବା ଅଭିଯୋଗ କରିଛନ୍ତି ୨୦ରୁ ଅଧିକ ମହିଳା ପ୍ରାୟ ୧୦ ଦିନ ଧରି ଉତ୍ତେଇପୁର ଗାଁର ୨୦ରୁ ଅଧିକ ମହିଳାଙ୍କୁ ଠିକାଦାର ଏଠାରେ ବାଲି ବୋହିବାକୁ ନିୟୋଜିତ କରିଥିଲେ। ମହିଳାମାନେ ୧୦୦ ମିଟର ଦୂରରେ ଥିବା ବୈତରଣୀ ନଦୀରୁ ବାଲି ଉଠାଇ ଠିକାଦାରଙ୍କୁ ଦେବା କଥା ହୋଇଥିଲା। ଏଥିଲାଗି ଦୈନିକ ୫ ଘଣ୍ଟା ପରିଶ୍ରମ କରିବେ ଓ ୭୦୦ ଟଙ୍କା ଦିଆଯିବ ବୋଲି ଠିକାଦାର ମୌଖିକ ଭାବେ କହିଥିଲେ। ଘର ପାଖରେ କାମ ମିଳୁଛି କିଛି ଟଙ୍କା ରୋଜଗାର ହୋଇଯିବା ଆଶାରେ ଉତ୍ତେଇପୁର ଅଞ୍ଚଳର ମହିଳାମାନେ ଠିକାଦାରଙ୍କ କଥାରେ ରାଜି ହୋଇ ବାଲି ଉଠାଇଥିଲେ। ସକାଳ ୬ରୁ ଦିନ ଗୋଟାଏ ଯାଏ ଜଣେ ମହିଳା ୧୨୦ ବସ୍ତା ବାଲି ଉଠାଇଥାନ୍ତି। ପାଣି ଭିତରୁ ଗରା, ମାଠିଆରେ ବାଲି ଉଠାଇ ନଦୀ ପଠାରେ ଜମା କରନ୍ତି ତା'ପରେ ଠିକାଦାରଙ୍କ ପାଖରେ ଥିବା ଟ୍ରାକ୍ଟର ଯାଇ ସେହି ବାଲି ନେଇ ଆସିଥାଏ। ପ୍ରଥମେ କଥା ହୋଇଥିଲା ଯେଉଁଦିନ କାମ କରିବେ, ସେହିଦିନ ସଂଧ୍ୟାରେ ମୂଲ ନେଇଯିବେ। ହେଲେ ପେଟି ଠିକାଦାର ପରେ ଅରାଜି ହେଲେ କହିଲେ, ପ୍ରତି ୧୦ ଦିନରେ ଟଙ୍କା ଦିଆଯିବ। ଏଣୁ ମହିଳାମାନେ ୧୦ ଦିନ ଅପେକ୍ଷା କଲେ। ୧୦ ଦିନ ପୂରିଯିବା ପରେ କାମକୁ ଯିବା ପୂର୍ବରୁ ଠିକାଦାରଙ୍କୁ ପାରିଶ୍ରମିକ ମାଗିଥିଲେ। ଠିକାଦାରଙ୍କ ବଦଳରେ କାମ କରୁଥିବା ପେଟି ଠିକାଦାର ମହିଳାମାନଙ୍କୁ ୧୨୦ ବସ୍ତା ବାଲିକୁ ୩୦୦ ଟଙ୍କା ହିସାବରେ ୧୦ ଦିନର ପାରିଶ୍ରମିକ ବାବଦରେ ୩୦୦୦ ଟଙ୍କା ଲେଖାଏଁ ଦେଇଥିଲେ। ଧାର୍ଯ୍ୟ ପାରିଶ୍ରମିକଠାରୁ ଯଥେଷ୍ଟ କମ୍ ଟଙ୍କା ମିଳିବାରୁ ମହିଳା ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ପ୍ରକଳ୍ପ ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚିବା ପରେ କାମ କରିଥିବା ମହିଳାମାନେ ନିଜ ନିଜର କ୍ଷୋଭ ପ୍ରକାଶ କରିଥିଲେ। ଏ ସଂପର୍କରେ ଠିକାଦାରଙ୍କୁ ପଚାରିବାରୁ ସେ ଶୋଷଣ ଅଭିଯୋଗକୁ ଖଣ୍ଡନ କରିଥିଲେ। କହିଥିଲେ, ମୂଳରୁ ସେମାନଙ୍କ ସହ ୩୦୦ ଟଙ୍କା ଲେଖାଏଁ ଦେବାକୁ କଥା ଛିଡ଼ିଥିଲା। ଅନ୍ୟପକ୍ଷରେ ପ୍ରକୃତ ହିସାବ ଦେଖିବାକୁ ଗଲେ ୧୨୦ ବସ୍ତା ବାଲି ହେଉଛି ଟ୍ରାକ୍ଟରରେ ୩ ଟ୍ରିପ୍। ବାଲି ନଦୀଠାରୁ ମାତ୍ର ୧୦୦ ମିଟର ଦୂରରେ କାମ ହେଉଛି। ଏଣୁ ବାଲି ଟ୍ରିପ୍‌କୁ ରୟାଲଟି ବାବଦରେ ୧୨୦, ତା ସାଙ୍ଗକୁ ଲୋଡିଂ ୧୦୦ ଟଙ୍କା ଓ ଟ୍ରାନ୍ସପୋର୍ଟ ୧୦୦ ଟଙ୍କା ଏହି ହିସାବକୁ ଦେଖିଲେ ପ୍ରକଳ୍ପ ନିର୍ମାଣ ସ୍ଥଳରେ ବାଲି ଟ୍ରିପ୍‌କୁ ୩୨୦ ଟଙ୍କାରେ ପହଞ୍ଚିବ। ସେପଟେ ମହିଳାମାନେ ୩ ଟ୍ରିପ୍ ବାଲି ଉଠାଉଛନ୍ତି। ଟ୍ରାନ୍ସପୋର୍ଟିଂକୁ ଛାଡ଼ିଦେଲେ ବାଲି ଟ୍ରିପ୍‌କୁ ୨୨୦ ଟଙ୍କା ପଡ଼ିବ ଓ ୩ ଟ୍ରିପ୍‌କୁ ୬୬୦ ଟଙ୍କା। ହେଲେ ଠିକାଦାର ଜଣକ ମାତ୍ର ୩୦୦ ଟଙ୍କା ଦେଉଥିବା ମହିଳା କହିଛନ୍ତି। ଅଧିକ ଟଙ୍କା ମାଗିଲେ ଆଉ କାମ ନ ଦେବାକୁ ମଧ୍ୟ ଧମକ ଦେଉଛନ୍ତି। ସେପଟେ ଏଭଳି ଘଟଣା ନେଇ କୌଣସି ସୂଚନା ମିଳିନାହିଁ ବୋଲି ଭଦ୍ରକ ଜିଲ୍ଲା ଶ୍ରମ ଅଧିକାରୀ କହିଛନ୍ତି। ଜଳ ସଂପଦ ବିଭାଗ ଅଧିକାରୀ ମଧ୍ୟ ଏ କଥା ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଟେକ୍ନିକାଲ ସ୍ପେଶିଫିକେସନ ଓ ଡିପିଆର ଅନୁସାରେ ବାଲି କିଣାଯିବାର ବ୍ୟୟବରାଦ ରହିଛି। ଏଣୁ ଠିକାଦାର କୌଣସି ସ୍ୱକୃତିପ୍ରାପ୍ତ ବାଲିଘାଟ ବା ଭେଣ୍ଡରଙ୍କଠାରୁ ବାଲି କିଣି ପାରିଥାନ୍ତେ। ଏଭଳି କରିବା ଠିକ୍ ନୁହଁ ବୋଲି ଜଳ ସଂପଦ ଅଧିକାରୀ କହିଛନ୍ତି।

## ରାମଚନ୍ଦ୍ରପୁରରେ ୨୭ ଟିକିଆ ହାତୀପଲଙ୍କ ଆତଙ୍କ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ, ଉଖୁଣ୍ଡା ଫରେଷ୍ଟ ସେକ୍ସନ ବାରିଆ, ରାଣିପୁର, ରତନପୁର, ଚକୁଳିଆ, ରାମଚନ୍ଦ୍ରପୁର ଆଦି ଅଞ୍ଚଳରେ ୨୭ଟିକିଆ ହାତୀପଲ ଆତଙ୍କ ସୃଷ୍ଟି କରି ଘରଦ୍ୱାର ଭାଙ୍ଗିବା ସହ ଅନେକ କ୍ଷୟକ୍ଷତି କରିଛନ୍ତି। ସେହି ହାତୀପଲ ଦିନବେଳା ଚମ୍ପୁଆରେଞ୍ଜ ବାଲିବନ୍ଧ ଫରେଷ୍ଟ ସେକ୍ସନ ଅଧୀନ ଦୁର୍ଗାପୁର ଜଙ୍ଗଲରେ ଥିଲେ। ସୂର୍ଯ୍ୟାସ୍ତ ପରେ ପରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମମାଟି ରାଇକଳା ଗ୍ରାମ ହୁଡ଼ିସାହିରେ ପଶି ଦୁଇଟି ଘର ଭାଙ୍ଗିବା ସହ ଧାନ, ଚାଉଳ, ଧାନ ତଳି, ପନିପରିବା ଖାଇ ପାଦରେ ଦଳ ଦେଇଛନ୍ତି। ତେବେ ହାତୀପଲ ରାତିରେ ରାଇକଳା ଗ୍ରାମ ହୁଡ଼ିସାହିରେ ପଶି ଗୌରହରି ନାଏକ, ପ୍ରଭାତୀ ନାଏକଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇଯାଇଥିଲେ। ପରେ ପରେ ଚଘୁରୁ ନାଏକଙ୍କ ଧାନତଳି ସାଙ୍ଗକୁ ରୁଆ ହୋଇଥିବା ଧାନ ଖାଇବା ସହ ପାଦରେ ଦଳିମକଚି ଦେଇଥିଲେ। ଏହାପରେ ଲୋକନାଥ ନାଏକଙ୍କ ପନିପରିବା ଖାଇଯିବା ସହ କପିଲ ଆନସାରୀଙ୍କ ଇଟା କାରଖାନାରେ ପଶି କୁକୁଡ଼ା ଘର ଭାଙ୍ଗି ଦେଇଥିଲେ।


**ଓଡ଼ିଶା ସରକାର** XXVIII-04

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼**

**ସଂଖ୍ୟା : ୪୫୨** **ତାରିଖ : ୧୬.୦୭.୨୦୨୪**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯(୧) ଅନୁଯାୟୀ ଏହି ଘୋଷଣାନାମା ଜାରି କରାଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ ରାୟଗଡ଼ଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଭାଲୁମାସ୍କା,** ଥାନା- କଲ୍ୟାଣସିଂହପୁର, ତହସିଲ-କଲ୍ୟାଣସିଂହପୁର, ଜିଲ୍ଲା-ରାୟଗଡ଼ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା 'କୋରାପୁଟ - ସିଙ୍ଗାପୁର ରୋଡ଼ ଦୋହରିକରଣ ରେଳପଥ ପ୍ରକଳ୍ପ' ନିମନ୍ତେ ଏ. ୦.୬୯୫ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା. ୧୩୧୫, ତା ୧୯/୦୭/୨୦୨୩ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ ମୌଜା- ଭାଲୁମାସ୍କା, ଥାନା- କଲ୍ୟାଣସିଂହପୁର, ତହସିଲ-କଲ୍ୟାଣସିଂହପୁର, ଜିଲ୍ଲା-ରାୟଗଡ଼ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ତଫସିଲ 'କ'
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା: ରାୟଗଡ଼ ତହସିଲ – କଲ୍ୟାଣସିଂହପୁର

| ମୌଜା | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ଖାତାଦାର/ ରୟତଙ୍କ ନାମ |
|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) |
| ଭାଲୁମାସ୍କା | ଗ୍ରାମାଞ୍ଚଳ | ୩ | ୧୦ | ଡଙ୍ଗର ତିନି | ୦.୯୮୦ | ୦.୫୩୧ | ହିକକା ଚକ୍ର, ହିକକା ହିରୁ ପି: ହିକକା ଅମ୍ବରୁ |
| | | ୫ | ୧୩ | ଡଙ୍ଗର ତିନି | ୦.୭୧୦ | ୦.୧୬୪ | ପ୍ରାସ୍କା ପାପାନା, ପ୍ରାସ୍କା ସବୁ ପି: ପ୍ରାସ୍କ କୁମୁଟି |
| ମୋଟ | | | | | ୧.୬୯୦ | ୦.୬୯୫ | |

ତଫସିଲ 'ଖ'
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମିର ଅନୁସୂଚି)

ଜିଲ୍ଲା: ରାୟଗଡ଼ ତହସିଲ - କଲ୍ୟାଣସିଂହପୁର

| ମୌଜା | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକର) | ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମିର ରକବା (ଏକର) | ଖାତାଦାର/ ରୟତଙ୍କ ନାମ |
|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) |
| ପ୍ରଯୁଜ୍ୟ ନୁହେଁ | | | | | | | |

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
OIPR-24365/14/0001/2425 ଜିଲ୍ଲାପାଳ, ରାୟଗଡ଼


# ପୋଖରୀରୁ ଜଳ ନିଷ୍କାସନ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ୍ ବଢିଗାଁ ଗ୍ରାମର ଜଳଜଳା ପୋଖରୀର ଉପର ମୁଣ୍ଡରେ ଚାଷ ଜମି ଥିବା ଚାଷୀମାନେ ପୋଖରୀର ଜଳ ନିଷ୍କାସନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମିଳିଥିବା ସୂଚ଼ନା ଅନୁଯାୟୀ ବଢିଗାଁ ଗ୍ରାମର ପ୍ରାୟ ୫୦ ଏକର ଜମିରେ ଜଳଜଳା ପୋଖରୀର ଜଳ ପଶି ଯାଉଥିବାରୁ ଚାଷୀମାନଙ୍କ ଫସଲ କ୍ଷୟକ୍ଷତି ହେଉଛି । ସେଥିପାଇଁ ପୋଖରୀରେ ଏକ ଆଉଟ୍ ଲେଟ ବସାଇ ଅନାବଶ୍ୟକ ଜଳ ନିଷ୍କାସନ କରାଯିବାକୁ ପୋଖରୀର ଉପର ମୁଣ୍ଡରେ ଥିବା ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।

## ପାଣି ପଞ୍ଚାୟତ ବିଦ୍ୟୁତ୍ ସଂଯୋଗ କାଟିଲେ ବିଭାଗୀୟ ଅଧିକାରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶଙ୍ଖପୁର ଗ୍ରାମର ମା' ରାମଚଣ୍ଡୀ ପାଣିପଞ୍ଚାୟତର କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କୁ ଭେଟି ଉଠା ଜଳ ସେଚନ ପଏଣ୍ଟରେ ବିଦ୍ୟୁତ୍ ସଂଯୋଗକୁ ଟି.ପି.ସି.ଓ.ଡି.ଏଲ୍‌ର କମକର୍ତ୍ତାମାନେ ବିଦ୍ୟୁତ୍ ସଂଯୋଗ କାଟି ଦେଇଛନ୍ତି । ୨୦୧୧-୧୨ ମସିହାରେ ଲଗା ଯାଇଥିବା ବିଦ୍ୟୁତ୍ ସଂଯୋଗ ମିଟର ଖରାପ ଅଛି କହି କାହାକୁ ନ ଜଣାଇ ନୂଆ ମିଟର ଲଗାଇଛନ୍ତି ଏବଂ ୫୦ ହଜାର ଟଙ୍କା ବକେୟା ନଦେଲେ ବିଦ୍ୟୁତ୍ ସଂଯୋଗ ଦିଆଯିବ ନାହିଁ ବୋଲି ଅଧିକାରୀମାନେ କହିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ପାଣି ନପାଇ ଚାଷ କାମ କରିପାରୁ ନାହାନ୍ତି । ଚଳିତ ବର୍ଷ ବର୍ଷା କମ୍ ହେବାରୁ ଖରିଫ ଫସଲ ପାଇଁ ପାଣିର ଆବଶ୍ୟକ ଥିବାବେଳେ ବିଦ୍ୟୁତ୍ ସଂଯୋଗ କଟାଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଜିଲ୍ଲାପାଳଙ୍କୁ ଭେଟି ଏହାର ସମାଧାନ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ଦାବି ସମୟରେ ଶଙ୍ଖପୁର ଗ୍ରାମର ଅମୂଲ୍ୟ ବାରିକ, ଗଗନ ବାରିକ, ସୁବ୍ରତ ବାରିକ, ପ୍ରଦିପ୍ତ ବାରିକଙ୍କ ସହିତ ଅନ୍ୟ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।

# ଗ୍ରାମକୁ ପାଇପ୍ ଆସିଛି, ହେଲେ ଷ୍ଟାଣ୍ଡପୋଷ୍ଟ ବସୁନି

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

କେବେ ମିଳିବ ମେଗା ଜଳ ପ୍ରକଳ୍ପର ପାଣି। ଗ୍ରାମକୁ ପାଇପ୍ ଆସିଛି ହେଲେ ଷ୍ଟାଣ୍ଡ ପୋଷ୍ଟ ବସିନି। ଗ୍ରାମରେ ପାଇପ୍ ବିଛା ଯାଇଥିଲେ ବି ପାଣି ପହଞ୍ଚି ପାରୁନି। ଲୋକେ ଚାହିଁ ବସିଛନ୍ତି କେବେ ମିଳିବ ସ୍ୱଚ୍ଛ ପିଇବା ପାଣି। କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ଗ୍ରାମକୁ ମେଗା ଜଳ ଯୋଗାଣ ପ୍ରକଳ୍ପ ପାଣି ଯୋଗାଇ ଦେଉଛନ୍ତି। ସେହି ମେଗା ଜଳ ଯୋଗାଣ ପ୍ରକଳ୍ପ ପାଣି କେଉଁ ଗ୍ରାମକୁ ପହଞ୍ଚିଛି ତ ଆଉ କେଉଁ ଗ୍ରାମକୁ ପାଇପ୍ ସଂଯୋଗ କରାଯାଇଛି। ଏହିଭଳି ଆଉ




କେତେକ ଗ୍ରାମକୁ ପାଇପ୍ ଆସିଛି ସିନା ଷ୍ଟାଣ୍ଡପୋଷ୍ଟ ବସିନି। ଏହିଭଳି ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ବ୍ଲକ ତାଳସରଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ତାଳସରଡ଼ା ଗ୍ରାମରେ। ଏଠାରେ ଉଲ୍ଲେଖଯୋଗ୍ୟ, ଆଜକୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଏ ଗ୍ରାମକୁ ମେଗା ଜଳ ପ୍ରକଳ୍ପ ପାଣି ପାଇଁ ପାଇପ୍ ସଂଯୋଗ କରାଯାଇଛି। ହେଲେ ଏପର୍ଯ୍ୟନ୍ତ କୌଣସି ଷ୍ଟାଣ୍ଡପୋଷ୍ଟ କିମ୍ବା କୌଣସି ଘରକୁ ପାଇପ୍ ସଂଯୋଗ କରାଯାଇନଥିବା ଦେଖିବାକୁ ମିଳିଛି। ଏ ଯୋଜନା ମାଟି ଭିତରେ ହିଁ ରହି ଯାଇଛି। ଜନସାଧାରଣ ଅଭିଯୋଗ କଲେ ମଧ୍ୟ ବ୍ଲକ ପ୍ରଶାସନ, ଏଲଏଣ୍ଡଟି କମ୍ପାନୀର ଅଧିକାରୀ, କେହି ଶୁଣୁନାହାନ୍ତି। ଲୋକଙ୍କ ଦାବିକୁ ସବୁ ବେଳେ ଅଣଦେଖା କରୁଛନ୍ତି। ତେଣୁ ତୁରନ୍ତ ଏ ଦିଗରେ ପ୍ରଶାସନ ନଜର ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜନସଂଖ୍ୟା ସମାଧାନ ଫାଉଣ୍ଡେସନ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ସଭାପତି ପବିତ୍ର ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦେଶରେ ହୁ ହୁ ହୋଇ ବଢି ଚାଲିଥିବା ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି । ଚିନ୍‌କୁ ପଛରେ ପକାଇ ଭାରତ ଜନସଂଖ୍ୟାରେ ଏକ ନମ୍ବର ଦେଶ ହୋଇଥିବା ବେଳେ



ଏମାନଙ୍କ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଭଳି ମୌଳିକ ଆବଶ୍ୟକତା ପୂରଣ କରିବା କୌଣସି ରାଷ୍ଟ୍ର ପକ୍ଷରେ ସହଜ ସାଧ୍ୟ ନୁହେଁ । ତେବେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଦୃଢ଼ ଆଇନ କାର୍ଯ୍ୟକାରୀ କରିବାକୁ ରାଷ୍ଟ୍ରୀୟ ମହିଳା ଉପ ସଭାନେତ୍ରୀ ରୋଜାଲିନ ମହାନ୍ତି, ଜୟନ୍ତୀ ନାୟକ, ସାଧାରଣ ସଂପାଦିକା ମାନିନୀ ଷଡଙ୍ଗୀ, ମନିନ୍ଦ୍ର ରାଉତ, କସ୍ତୁରୀ ଗାହାଣ, ସୁଦାମ ବାରିକ, ବାପି ମଣ୍ଡଳ, ସୁଜାତା ଦାସ, ସମିନା ବିବି, ରଶ୍ମିତା ସାହୁ ପ୍ରମୁଖ ଫାଉଣ୍ଡେସନର ବହୁ ସଦସ୍ୟ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।


**ଓଡ଼ିଶା ସରକାର** XXVIII-05

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼**

**ସଂଖ୍ୟା : ୪୪୬** **ତାରିଖ : ୧୬.୦୭.୨୦୨୪**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯(୧) ଅନୁଯାୟୀ ଏହି ଘୋଷଣାନାମା ଜାରି କରାଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ ରାୟଗଡ଼ଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଲେଲିବାଡ଼ି,** ଥାନା- କଲ୍ୟାଣସିଂହପୁର, ତହସିଲ-କଲ୍ୟାଣସିଂହପୁର, ଜିଲ୍ଲା-ରାୟଗଡ଼ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା 'କୋରାପୁଟ-ସିଙ୍ଗାପୁର ରୋଡ଼ ଦୋହରିକରଣ ରେଳପଥ ପ୍ରକଳ୍ପ' ନିମନ୍ତେ ଏ. ୦.୭୬୪ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା. ୧୩୨୨, ତା ୧୯/୦୭/୨୦୨୩ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ ମୌଜା- ଲେଲିବାଡ଼ି, ଥାନା- କଲ୍ୟାଣସିଂହପୁର, ତହସିଲ-କଲ୍ୟାଣସିଂହପୁର, ଜିଲ୍ଲା-ରାୟଗଡ଼ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ତଫସିଲ 'କ'
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା: ରାୟଗଡ଼ ତହସିଲ – କଲ୍ୟାଣସିଂହପୁର

| ମୌଜା | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ଖାତାଦାର/ ରୟତଙ୍କ ନାମ |
|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) |
| ଲେଲିବାଡ଼ି | ଗ୍ରାମାଞ୍ଚଳ | ୧୬/୪୪ | ୨୧୯ | ଡଙ୍ଗର ଏକ | ୧.୦୦୦ | ୦.୭୬୪ | ସୋମନାଥ କୃଷିକା ପି: ମୁସୁରି କୃଷିକା, ଗୌରା କୃଷିକା ସ୍ୱା: ସୋମନାଥ କୃଷିକା |
| ମୋଟ | | | | | ୧.୦୦୦ | ୦.୭୬୪ | |

ତଫସିଲ 'ଖ'
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମିର ଅନୁସୂଚି)

ଜିଲ୍ଲା: ରାୟଗଡ଼ ତହସିଲ - କଲ୍ୟାଣସିଂହପୁର

| ମୌଜା | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକର) | ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମିର ରକବା (ଏକର) | ଖାତାଦାର/ ରୟତଙ୍କ ନାମ |
|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) |
| ପ୍ରଯୁଜ୍ୟ ନୁହେଁ | | | | | | | |

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
OIPR-24365/14/0002/2425 ଜିଲ୍ଲାପାଳ, ରାୟଗଡ଼

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଉଚ୍ଚ ଜାତିରଧନୀ ୮୫%ରୁ ଅଧିକ

ଜାତିଭେଦର ସମୃଦ୍ଧି ସହିତ ଗଭୀର ସମ୍ପର୍କ ରହିଛି। ଏଭଳିକି ଧନୀକ ଶ୍ରେଣୀ ସହ ମଧ୍ୟ ଜାତିର ପ୍ରାସଙ୍ଗିକତା ରହିଛି। ଏକ ଆକଳନରୁ ଜଣାପଡ଼ିଛି ଯେ ଭାରତରେ ୮୫ ପ୍ରତିଶତରୁ ଅଧିକ ଧନୀ ହେଉଛନ୍ତି ଉଚ୍ଚ ଜାତିର ଲୋକ। ବିଲିଓନେୟାର ଧନୀଙ୍କ ମଧ୍ୟରେ ଅନୁସୂଚିତ ଜାତି (ଏସ୍‌ସି)ଙ୍କ ଭାଗ ମାତ୍ର ୨.୬ ପ୍ରତିଶତ ରହିଥିବା ବେଳେ ଅନୁସୂଚିତ ଜନଜାତି (ଏସ୍‌ଟି) ଭାଗ ପ୍ରାୟ ଶୂନ ରହିଛି। ଓ୍ୱାର୍ଲଡ୍ ଇନ୍‌ଇକ୍ୱାଲିଟି ଲ୍ୟାବ୍ ତଥ୍ୟ ଅନୁଯାୟୀ ଭାରତରେ ୯ ପ୍ରତିଶତ ଧନୀ ହେଉଛନ୍ତି ଅନ୍ୟାନ୍ୟ ପଛୁଆ ବର୍ଗର ଲୋକ। କେବଳ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ଲୋକମାନଙ୍କୁ ନେଇ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ସେଥିରେ ଅନୁସୂଚିତ ଜନଜାତିର ଜଣେ ବି ଲୋକଙ୍କ ନାମ ନାହିଁ। ଅଧ୍ୟୟନରୁ ଜଣାପଡ଼ିଛି ଯେ କିଛି ବର୍ଷ ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗର ଧନୀ ଲୋକଙ୍କ ସଂଖ୍ୟା ହ୍ରାସ ପାଇଥିବା ବେଳେ ଉଚ୍ଚ ଜାତିର ଧନୀ ଲୋକଙ୍କ ସଂଖ୍ୟା ବଢ଼ିଛି। ଗତ କିଛି ବର୍ଷ ଭିତରେ ସୃଷ୍ଟି ହୋଇଥିବା ପ୍ରାୟ ସବୁ ଧନୀ ଲୋକ ହେଉଛନ୍ତି ଉଚ୍ଚ ଜାତିର। ଉଚ୍ଚଜାତିର ଲୋକଙ୍କୁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଓ ଋଣ ସୁବିଧା ମିଳିଯାଉଛି। ସେଥିପାଇଁ ଉଦ୍ୟମିତା ଓ ସମ୍ପତ୍ତି ସୃଷ୍ଟି କରିବା ଲାଗି ସେମାନେ ଆଗେଇ ଆସୁଛନ୍ତି। ଅଧିକାଂଶ ଦଳିତ ଲୋକଙ୍କ ପାଖରେ ନିଜସ୍ୱ ଜମି ନାହିଁ। ଫଳରେ ସେମାନଙ୍କ ଅର୍ଥନୈତିକ ପ୍ରଗତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ତଥ୍ୟ ଅନୁସାରେ ଦେଶର ଶ୍ରମଶକ୍ତିରେ ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି)ର ଲୋକମାନଙ୍କ ସଂଖ୍ୟା ଯେଉଁଭଳି ଉଚ୍ଚ ସ୍ତରରେ ରହିଛି, ଉଦ୍ୟମିତା କ୍ଷେତ୍ରରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସବୁ ପ୍ରକାର ସଂସ୍ଥାରେ ଉଚ୍ଚ ଜାତିର ଲୋକଙ୍କ ଆଧିପତ୍ୟ ଦେଖିବାକୁ ମିଳୁଛି। ଶ୍ରମ ଶକ୍ତିରେ ଅନୁସୂଚିତ ଜାତିର ଲୋକମାନଙ୍କ ଭାଗ ୧୯.୩ ପ୍ରତିଶତ ଥିବା ବେଳେ ସଂସ୍ଥା ମାଲିକାନା କ୍ଷେତ୍ରରେ ସେହି ହାର ୧୧.୪ ପ୍ରତିଶତ ରହିଛି।



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

# ଭବିତବ୍ୟ ଯାହା ଅବଶ୍ୟ ଘଟିବ–୪୫

ଧୀରେ ଧୀରେ ତୁମର ଓ ତୁମ ବଂଶର ଅପଖ୍ୟାତି, ଅପଯଶ, ଅପନିନ୍ଦା ଏପରି ଧୀରେ ଧୀରେ ବ୍ୟାପି ଚାଲିବ, ଯାହାକୁ ଭବିଷ୍ୟତରେ ତୁମେ ଶୁଣି ପାରିବନି, ଶେଷରେ ତୁମେ ଧୈର୍ଯ୍ୟ ଧରି ନପାରି ଆତ୍ମ ଦାହ କରିବାକୁ ବାଧହେବ। ତେଣୁ ତୁମେ ଏପରି ଅସତ୍ୟ କଥାକୁ କେବେ ହେଲେ ପ୍ରଶ୍ରୟ ଦିଅନାହିଁ। ହେ ଭରତ ! ଏ ସଂସାରରେ କିଏ କାହାର ? କିଏ ତୁମର , ଦୁନିଆରେ ? ଏଠାରେ କେହି କାହାର ନିଜର ନୁହଁନ୍ତି। ସମସ୍ତେ ଏକା ଏକା ଆସିଥାନ୍ତି ଓ ଗଲା ବେଳେ ବି ଏକା ଏକା ବିଦାୟ ନେଇ ଥାନ୍ତି। ଏହା ଏକ ସ୍ୱାଭାବିକ କଥା ଯେ ପିଲାଟିଏ ଜନ୍ମ ନେଲା ବେଳେ ପରିବାରଟିର ଆନନ୍ଦ କହିଲେ ନସରେ କିନ୍ତୁ ସେହି ପିଲାଟି ଯେତେବେଳେ ଧୀରେ ଧୀରେ ବୟସ ବୃଦ୍ଧି ପ୍ରାପ୍ତ ହେବା ପରେ ବୃଦ୍ଧ ଅବସ୍ଥାରେ ପହଞ୍ଚି ମୃତ୍ୟୁବରଣ କରେ ସେତେବେଳେ ସମସ୍ତେ କାନ୍ଦିଥାନ୍ତି। ଏ ସଂସାର ମାୟା ଏତେ ଗହନ ଯେ ମୃତ୍ୟୁବରଣ କରିଥିବା ବ୍ୟକ୍ତିର ପରିବାର ଲୋକ କିଛିଦିନ ପାଇଁ ଅବଶ୍ୟ କାନ୍ଦିବେ, ଦୁଃଖ ହେବ। ମୃତ ବ୍ୟକ୍ତି ସହ ଅତୀତର ଅଭୁଲା ସ୍ମୃତି ଗୁଡିକ ମନେ ପକାଇ ବିଚଳିତ ଲାଗିବ, କିନ୍ତୁ ତୁମେ ଦେଖିବ ଭରତ ଏମିତି ସମୟ ଆସିବ ଧୀରେ ଧୀରେ ମୃତ୍ୟୁବରଣ କରିଥିବା ମୃତ୍ୟୁ ଦିନ ମଧ୍ୟ ଭୁଲିଯିବେ। ଏଇ ହେଉଛି ଏ ସଂସାରର ମାୟା। ମାୟାର ସ୍ୱରୂପ ଏତେ ଗହନ ଯେ ଏହାକୁ ଦେଖି ହୁଏ ନାହିଁ ଅର୍ଥାତ୍ ଅଦୃଶ୍ୟ, ଏହାର ବର୍ଣ୍ଣନାହିଁ, ଆକାର ନାହିଁ, ସ୍ପର୍ଶ ନାହିଁ ଗନ୍ଧ ମଧ୍ୟ ନାହିଁ କିନ୍ତୁ ଏହା ହେଉଛି ଅଦୃଶ୍ୟ ବଳିଷ୍ଠ ବନ୍ଧନ। ଯେଉଁଥିରୁ ନିସ୍ତାର ପାଇବା ପାଇଁ ବର୍ଷ ବର୍ଷ ଧରି ଯୋଗୀ ଋଷିମାନେ ତପସ୍ୟା କରି ମଧ୍ୟ ଏହି ମାୟାର ବନ୍ଧନରୁ ମୁକ୍ତ ହୋଇ ପାରିନାହାଁନ୍ତି। ଏହା ପରେ ଯେଉଁ ଲକ୍ଷ୍ମଣଙ୍କୁ ତୁମେ ମାନେ ଧରି ଏତେ କାନ୍ଦୁଛ, ସେହି ଲକ୍ଷ୍ମଣ ଜଣେ ସାଧାରଣ ମଣିଷ ନୁହଁନ୍ତି। ସେ ହେଉଛନ୍ତି ସମଗ୍ର ସଂସାରରେ ଜଣେ ମହାଯୋଦ୍ଧା। ସତ୍ୟସନ୍ଧ କର୍ମବୀର। ଶତ ଶତ ସଂଗ୍ରାମର ଭୀଷଣତା ତାଙ୍କୁ ମହାନ୍ ଯୋଦ୍ଧାଭାବେ ସ୍ୱୀକୃତି ଦେଇଛି ଯେ ତାଙ୍କର ପଦସ୍ପର୍ଶ କରିବା ପାଇଁ ଆଜିବି ଶହ ଶହ ଯୋଦ୍ଧା ପ୍ରତିଯୋଗିତା କରୁଛନ୍ତି। ତାଙ୍କର ମୃତ୍ୟୁ ବରଣ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ଚିରଦିନ ପାଇଁ। ଏ ସଂସାରରେ ପ୍ରତିଦିନ ଅସୁମାରୀ ଜୀବ ଜନ୍ମ ନେଉଛନ୍ତି ଓ ଅସୁମାରୀ ଜୀବ ମୃତ୍ୟୁ ବରଣ କରୁଛନ୍ତି। ଏଥିରେ ନୂଆ କଥା କିଛି ନାହିଁ। ଏପରି ମଣିଷଙ୍କ ମୃତ୍ୟୁକୁ କେହି ମନେ ରଖନ୍ତିନି। କିନ୍ତୁ ଏସବୁ ସତ୍ତ୍ୱେ ପୃଥିବୀର ଏପରି କିଛି ଯୋଗ ଜନ୍ମା ମଣିଷଙ୍କର ମୃତ୍ୟୁ ଘଟେ ଯେଉଁଥିରେ ସମଗ୍ର ସଂସାରର ମଣିଷମାନେ ହତଚକିତ ହୋଇ ପଡିବା ସଙ୍ଗେ ସଙ୍ଗେ ନିର୍ବାକ ଓ ନିଷ୍ପନ୍ଦ ହୋଇଯାନ୍ତି। ଲକ୍ଷ୍ମଣ ହେଉଛନ୍ତି ଠିକ୍ ସେହି ପରି ଦେବ ଦୁର୍ଲ୍ଲଭ ମଣିଷ, ଯାହାଙ୍କର ଅବଦାନ ଓ ଜୀବନର ପ୍ରତିଟି ରକ୍ତ ବିନ୍ଦୁ ଏସମଗ୍ର ସଂସାରର କଲ୍ୟାଣ ପାଇଁ ସମର୍ପିତ ହୋଇ ପାରିଛି। ସତ୍ୟ ଓ ଧର୍ମର ପ୍ରତିଷ୍ଠା ପାଇଁ ନିଜର ଜୀବନକୁ ସେ ଉତ୍ସର୍ଗ କରି ଦେଇଛନ୍ତି। ଏହି ମଣିଷଟି ମୃତ୍ୟୁ ବରଣ କରିଦେଲେ ବି ଅମର ହୋଇ ରହିବେ ଚିରକାଳ। ତୁମେ ମନେରଖ ଭରତ, ଲକ୍ଷ୍ମଣ ହେଉଛନ୍ତି ଏପରି ଏକ ମହାଶକ୍ତି ମୃତ୍ୟୁ ଉପରେ ମହାବିଜୟର ସ୍ୱର୍ଣ୍ଣିମ ଅଧ୍ୟାୟ ଲେଖା ହୋଇ ସାରିଛି, ଅର୍ଥାତ୍ ମୃତ୍ୟୁ ତାଙ୍କୁ କବଳିତ କରି ପାରିବ ନାହିଁ। ବରଂ ସେ ମୃତ୍ୟୁକୁ ଆଲିଙ୍ଗନ ପୂର୍ବକ ସେହି ସରଯୂ ନଦୀରେ ସମାଧିସ୍ଥ ହେବେ। ସେ ହେଉଛନ୍ତି ଶ୍ରୀରାମଙ୍କର ଦାସ। ମହାକାଳ ମଧ୍ୟ ତାଙ୍କର କେଶାଗ୍ର ସ୍ପର୍ଶ କରିବା ପାଇଁ ଦୁଃସାହସ କରୁନାହିଁ। ତେଣୁ ତାଙ୍କୁ ତୁମେ ମୁକ୍ତ କରିଦିଅ ସତ୍ୟ ରକ୍ଷା କରିବା ପାଇଁ । ତାଙ୍କର ଯାତ୍ରା ପଥକୁ ସୁଗମ କରିନିଅ।' ଭରତ, ଶତ୍ରୁଘ୍ନ ଦୁଇ ଭାଇଙ୍କର କ୍ରୋଧ ଆଉ ଅଶ୍ରୁପାତର ଭୀଷଣତା ଏବେବି ପ୍ରଶମିତ ହୋଇ ନଥିଲା। ତଥାପି ଲକ୍ଷ୍ମଣ ନିଜ ପକ୍ଷରୁ ଭାଇ ଓ ପୁତ୍ରମାନଙ୍କୁ ଆଶ୍ୱାସନା ବାଣୀ ଶୁଣାଇ ଅତିବିନମ୍ର ଭାବରେ କହିଲେ " ମୋତେ ମୋର ପରମ ଆଶ୍ରୟସ୍ଥଳ ଭାବେ ବଡ ଭାଇ ଶ୍ରୀରାମଙ୍କ ଶେଷ ଦର୍ଶନ କରିବା ପାଇଁ ସୁଯୋଗ ଦିଅ।' ବହୁତ ସାହସ ସଂଚୟ କରି ଲକ୍ଷ୍ମଣ ଏତକ କହିବା ପରେ ଶ୍ରୀରାମଙ୍କୁ ଦର୍ଶନ କରିବା ପାଇଁ ଅଯୋଧ୍ୟା ରାଜ ଭବନ ମଧ୍ୟରେ ଧୀର ପଦପାତରେ ଗତିଶୀଳ ହେଉଛନ୍ତି। ବହୁ ଦୂରରୁ ଲକ୍ଷ୍ମଣଙ୍କର ଆଗମନକୁ ଲକ୍ଷ୍ୟକରି ଶ୍ରୀରାମ ଚିନ୍ତାର ମହାସାଗର ମଧ୍ୟରେ ଧୀରେ ଧୀରେ ବୁଡି ଯାଇଛନ୍ତି। ଶ୍ରୀରାମଙ୍କ ଜୀବନର ସେହି ଦୁର୍ବିସହ ଅତୀତର ଅଭୁଲା ଅଧ୍ୟାୟ ଗୁଡା ଆଜି ମନେ ପଡିଯାଉଛି। ସବୁ ଗୁଡାକ ଆଜିବି ଜୀବନ୍ତ ହୋଇଯାଉଛି। (କ୍ରମଶଃ)



ଡ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ
ମୋ- ୯୭୭୮୭୬୪୩୯୪

# ପାଦୁକା ପୂଜା

କୃଷ୍ଣ ପାଦୁକା ଶିରେ ଘେନି, ଉଦ୍ଧବ କାନ୍ଦେ ତୁନି ତୁନି ।
ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବି କି କାରଣେ ।
ତୀର୍ଥର ନାମ ବଦରିକା, ସେ କି ତୋ ପାଦଠୁ ଅଧିକ ।

ଭାଗବତରେ ଥିବା ଏହି ପଦ ମାନଙ୍କରେ ଭକ୍ତ ଉଦ୍ଧବଙ୍କର ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରତି ଥିବା ଅନାବିଳ ତଥା ଅନାଶକ୍ତ ଭକ୍ତିଭାବ ବର୍ଣ୍ଣିତ ହୋଇଛି । ଶ୍ରୀକୃଷ୍ଣ ନିଜର ମହାପ୍ରୟାଣ ସମୟ ଉପନୀତ ହେବା କଥା ଜାଣି ଉଦ୍ଧବଙ୍କୁ ନିଜ ପାଖରୁ ବିଦାୟ ଦେବାବେଳେ ଉଦ୍ଧବ ନିଜର ବିରହ ବେଦନାକୁ ପ୍ରଶମିତ କରିବା ପାଇଁ ଶ୍ରୀକୃଷ୍ଣଙ୍କ ପାଦୁକା ଯୁଗଳକୁ ସାଥିରେ ନେଇ ବଦ୍ରିକା ଧାମ ଅଭିମୁଖେ ଯାତ୍ରା କରିଥିଲେ । ଉଦ୍ଧବ ଜାଣିଥିଲେ ଶ୍ରୀକୃଷ୍ଣଙ୍କ ପଦକମଳ ଠାରୁ ବଦ୍ରିକାଧାମ କୌଣସି ଗୁଣରେ ଅଧିକ ନୁହେଁ । ତଥାପି ପ୍ରଭୁଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ଏବଂ "ପ୍ରଭୁ ପାଦ ହିଁ କେବଳମ୍" କୁ ପାଥେୟ କରି ସିଏ ଲୋତକଭରା ନୟନରେ ବଦ୍ରିକା ଅଭିମୁଖେ ଯାତ୍ରା କରିଥିଲେ । ବର୍ତ୍ତମାନ ପରିପ୍ରେକ୍ଷୀରେ ଗୁରୁଙ୍କୁ ପୂଜା କଲେ କିମ୍ବା ତାଙ୍କର ମନ ଜିଣିପାରିଲେ ଅସମ୍ଭବକୁ ସମ୍ଭବ କରିହେବ ଭାବି ଲୋକମାନେ ଗୁରୁବନ୍ଦନା ତଥା ଅର୍ଚ୍ଚନା କରିବାକୁ ବ୍ୟାକୁଳ । କେଉଁଠି ଗୁରୁଙ୍କର ପାଦଧୂଳି ପାଇବା ପାଇଁ ଉତ୍ସୁକ ଭକ୍ତମାନଙ୍କ ମଧ୍ୟରେ ଦଳାଚକଟା ହେଲାଣି ତ ଆଉ କେଉଁଠି ଗୁରୁମାନେ ମଧ୍ୟ ପାଦଧୂଳି ଦେବାପାଇଁ ବିଭିନ୍ନ ଅନୈତିକ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଉଛନ୍ତି । ସଂସାର ରୂପକ ଅମା ଅନ୍ଧାରରେ ଆଲୋକବର୍ତ୍ତିକାର ସନ୍ଧାନ ମିଳିବା ହେଉ କିମ୍ବା ନିରାଶା ଏବଂ ହତାଶା ଭାବନାରେ ଜର୍ଜରିତ ମଣିଷମାନଙ୍କ ମଧ୍ୟରେ ଆଶାର ସଂଚାର କରିବାରେ ଗୁରୁମାନଙ୍କର ପ୍ରମୁଖ ଭୂମିକା ଥାଏ । କାରଣ ସେମାନେ ଶିଷ୍ୟର ମନସ୍ତତ୍ତ୍ୱକୁ ବୁଝି ତାଙ୍କର ଗୁଣାବଳୀ ଗୁଡିକୁ ତର୍ଜମା କରିସାରିବା ପରେ ନିଜର ଅଭିଜ୍ଞତା, ଦୂରଦୃଷ୍ଟି ତଥା ଦୈବୀଶକ୍ତି ବଳରେ ଶିଷ୍ୟମାନଙ୍କୁ ଉଚିତ୍ ପରାମର୍ଶ ଦେଇଥାଆନ୍ତି । ଶିଷ୍ୟମାନେ ମଧ୍ୟ ଗୁରୁଙ୍କର ଅନୁପସ୍ଥିତିରେ ତାଙ୍କର ସନ୍ତକ ସ୍ୱରୂପ ତାଙ୍କର ପାଦୁକା ପୂଜା କରିବା ଶାସ୍ତ୍ରସମ୍ମତ ବିଧି ଓ ପରମ୍ପରା ରହିଛି । ତ୍ରେତୟା ଯୁଗରେ ରାମଚନ୍ଦ୍ର ଚଉଦବର୍ଷ ବନଗମନ କରିବା ଅବସରରେ ଭରତଙ୍କୁ ରାଜପଦ ସମ୍ଭାଳିବାର ଅଧିକାର ମିଳିଥିଲେ ମଧ୍ୟ ଅନାଶକ୍ତ ଭରତ ବଡଭାଇ ଶ୍ରୀରାମଙ୍କ ସନ୍ତକ ସ୍ୱରୂପ ତାଙ୍କର ପାଦୁକାଯୁଗଳକୁ ସିଂହାସନରେ ବସାଇ ତାଙ୍କର ପ୍ରତିନିଧି ରୂପେ ରାଜ୍ୟ ଶାସନ କରିଥିଲେ । ଏଠାରେ ସିଏ କେବଳ ବଡଭାଇର ମର୍ଯ୍ୟାଦା ରଖିନାହାନ୍ତି ବରଂ ସାନଭାଇର ନିଷ୍କପଟ ସ୍ନେହ, ଶ୍ରଦ୍ଧା ତଥା କର୍ତ୍ତବ୍ୟକୁ ସମାଜ ଆଖିରେ ଉପସ୍ଥାପିତ କରିଛନ୍ତି । ସମାଜରେ ସବୁ ସମ୍ପର୍କର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । କୌଣସି ପଦ, ପଦବୀ କିମ୍ବା କ୍ଷମତା ମିଳିଗଲେ ଉକ୍ତ ମର୍ଯ୍ୟାଦାକୁ କୁଠାରଘାତ କରିବା ଅମାନବୀୟ, ଆଶାଳୀନ ତଥା ଅସାମାଜିକ । ତେଣୁ ଭରତଙ୍କ ପାଦୁକାପୂଜା କେବଳ ବଡଭାଇଙ୍କ ପ୍ରତି ସମ୍ମାନବୋଧକୁ ସୂଚାଏ ନାହିଁ ବରଂ ତାଙ୍କର ଆଦର୍ଶକୁ ନିତିଦିନିଆ ଜୀବନରେ ପାଳନ କରିବା ସହିତ ତାଙ୍କ ବିରହ ବେଦନାକୁ ମର୍ମେ ମର୍ମେ ଅନୁଭବ କରିବାର ଅବସର ମାତ୍ର ବୋଲି କୁହାଯାଇ ପାରେ । ଏଥିରେ ଠିକ-ଭୁଲର ବିଚାର ଅପେକ୍ଷା ଭଲ ପାଇବାର ମହତ୍ତ୍ୱ ଅଧିକ । ପାଦୁକାପୂଜା କରିବା ସମୟରେ ଗୁରୁଙ୍କର ଦିବ୍ୟବାଣୀ ଏବଂ ବ୍ୟକ୍ତିତ୍ୱକୁ ସ୍ମରଣ ତଥା ପାଳନ କରିବା ଦରକାର। ଏହି ଭଲପାଇବାକୁ ପାଥେୟ କରି ଭକ୍ତ ଶ୍ରୀବତ୍ସ ବାରମ୍ବାର ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ ମଧ୍ୟ ବିଷ୍ଣୁଙ୍କର ଦର୍ଶନ ମିଳିଲା ନାହିଁ । ଯାହା ଫଳରେ ଦୁଃଖ, ଅବସୋସ ତଥା କୋହରେ ଜର୍ଜରିତ ଶ୍ରୀବତ୍ସ ତାଙ୍କୁ ପଦାଘାତ କରିଥିଲେ । ଏହି ପଦାଘାତକୁ ନିଜ ଭୁଲ୍‌ର ପ୍ରାୟଶ୍ଚିତ ମନେକରି ଭଗବାନ ବିଷ୍ଣୁ ଅତି ଆଦରର ସହିତ ନିଜ ଛାତିରେ ସବୁଦିନ ଭକ୍ତ ପଦ ଚିହ୍ନର ସ୍ମାରକୀ ରଖିଛନ୍ତି । ଏହା ହିଁ ତ ଭକ୍ତ ଓ ଭଗବାନଙ୍କ ମହାମିଳନର ପର୍ବ । ନିଜର ଭୁଲ୍‌କୁ ସ୍ୱୀକାର କରିନେଇ ଶିଷ୍ୟର ଅଭିମାନଙ୍କୁ ସମ୍ମାନ ଦେବା ଫଳରେ ସମ୍ପର୍କର ମହତ୍ତ୍ୱ ବହୁଗୁଣିତ ତଥା ଉଦାହରଣୀୟ ହୋଇଥାଏ । ଆଜିକାଲି କଥା ପଦେକୁ କେନ୍ଦ୍ରକରି ଯେଉଁସବୁ ବିଭତ୍ସ ହତ୍ୟାକାଣ୍ଡମାନେ ଘଟିଯାଉଛି ସେଠାରେ ଏ ପ୍ରକାର ଚେତନା ତଥା ମୂଲ୍ୟବୋଧକୁ ବୁଝିବା ଏକ ଦୁରୁହ ବ୍ୟାପାର । ପାଦୁକା ପୂଜା ନମନୀୟତା, କୃତଜ୍ଞତା ତଥା ସମର୍ପଣ ଭାବର କେବଳ ସନ୍ତକ ନୁହେଁ ବରଂ ଦୈନନ୍ଦିନ ଜୀବନରେ ମହନୀୟ ଗୁଣାବଳୀ ଗୁଡିକୁ ସ୍ୱୀକାର କରି ସେଗୁଡିକୁ କାମରେ ଲଗାଇବା ତଥା ଭକ୍ତ ମହାପୁରୁଷମାନଙ୍କୁ ସ୍ମରଣ କରିବା ପାଇଁ ଏହା ଚେତନା ଉଦ୍ରେକ କରିଥାଏ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'

**ସତ୍ୟ ପାଶେ ଶାନ୍ତି ଦେଲ**
**ଦୟା ପାଶେ କ୍ଷମା ଦେଲ**
**ନାମ ଥୋଇ ଅନାମକୁ**
**ଗୁପତ କରିଲ**
**ହେ ପ୍ରଭୁ ଜଗତନାଥ**
**ମୁଁ**
**କୁହାର କୁହ (୫)**

**ସବୁ ଦେଇ ଶୂନ୍ୟ କଲ**
**ଶୂନ୍ୟ ବ୍ରହ୍ମ ବୋଲାଇଲ**
**ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ**
**ଅଭିକି ନ ଦେଲ**
**ହେ ପ୍ରଭୁ ଜଗତନାଥ**
**ମୁଁ**
**କାହାର କୁହ (୬)**

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ–୮୮୯୫୧୯୦୪୭୫

# ଭାରତଛାଡ଼ ଆନ୍ଦୋଳନରେ ଓଡ଼ିଶାର ଅମର ସହିଦ

ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସର ସର୍ବଶେଷ ତଥା ସର୍ବଶ୍ରେଷ୍ଠ ପର୍ଯ୍ୟାୟ ଥିଲା । ଭାରତ ଛାଡ ଆନ୍ଦୋଳନ ବା ଅଗଷ୍ଟ ବିପ୍ଳବ। ମହାସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱରେ ଦେଶର ସ୍ୱତନ୍ତ୍ର ସେନାନିମାନଙ୍କର ଆତ୍ମବଳି ଏହି ବିପ୍ଳବରୁ ଅଧିକ ରୋମାଞ୍ଚକର ଓ ହୃଦୟସ୍ପର୍ଶୀ କରିପାରିଥିଲା । ଜାତିର ପିତା ତଥା ମୁଖ୍ୟ ହୋଇ ମହାମାନବ ମହାତ୍ମା ଗାନ୍ଧୀଙ୍କର 'କର ବା ମର' ଅହିଂସା ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ସତ୍ୟାଗ୍ରହୀମାନେ ଭାରତ ଛାଡ ଆନ୍ଦୋଳନରେ ସକ୍ରିୟ ଯୋଗଦାନ କରିଥିଲେ । ଏହି ଆନ୍ଦୋଳନ ଜାତୀୟ ସଂଗ୍ରାମର ଏକ ଯୁଗାନ୍ତକାରୀ ଅଧ୍ୟାୟ । ଏହାର ଫଳାଫଳ ଥିଲା ସୁଦୂର ପ୍ରସାରୀ ତଥା ଦିଗନ୍ତ ବିସ୍ତାରୀ ।
ଘଟଣା ବହୁଳ ବିଶ୍ୱ ରାଜନୈତିକ ବିପ୍ଳବମାନଙ୍କ ମଧ୍ୟରେ ଭାରତର ଅଗଷ୍ଟ ବିପ୍ଳବ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଆମେରିକା ସ୍ୱାଧୀନତା ସଂଗ୍ରାମ, ଫରାସୀ ରାଷ୍ଟ୍ର ବିପ୍ଳବ ଓ ରୁଷ ବିପ୍ଳବ ପରି ବିଶ୍ୱସ୍ତରୀୟ ଗଣଆନ୍ଦୋଳନର ଅନୁରୂପ ଭାରତରେ ଇଂରେଜ ସାମ୍ରାଜ୍ୟକୁ ଧ୍ୱଂସବିଧ୍ୱସ୍ତ କରିବାରେ ସମର୍ଥ ହୋଇଥିଲା । ୧୯୪୭ ମସିହାର ବିଶ୍ୱ ତଥା ଭାରତବର୍ଷର ରାଜନୈତିକ ପରିସ୍ଥିତି ପାଇଁ ଗାନ୍ଧିଜୀ ବାଧହୋଇ ଇଂରେଜ ସରକାରଙ୍କୁ ଆହ୍ୱାନ ଦେଇଥିଲେ, ଭାରତ ଛାଡି ଚାଲିଯିବା ପାଇଁ । ଭାରତରେ ଇଂରେଜ ସାମ୍ରାଜ୍ୟର ପରିସମାପ୍ତି ଆଣିବା ପାଇଁ ମହାତ୍ମା ଗାନ୍ଧୀ ସମଗ୍ର ଭାରତବର୍ଷର ମୁକ୍ତିପ୍ରେମୀ ଓ ଶ୍ରଦ୍ଧାକୁ ସଂଗ୍ରାମୀମାନଙ୍କୁ ଆହ୍ୱାନ ଜଣାଇଥିଲେ । ଭାରତଛାଡ ପ୍ରସ୍ତାବକୁ ଅନୁମୋଦନ କରିବା ପାଇଁ ୧୯୪୨ ମସିହା ଅଗଷ୍ଟ ମାସ ୮ ତାରିଖ ଦିନ ବମ୍ବେ ସ୍ଥିତ ଗୋଆଲିଆ ବ୍ୟାଙ୍କ ପଡିଆରେ ଭାରତୀୟ ଜାତୀୟ କଂଗ୍ରେସର ଏକ ମୁକ୍ତ ଅଧିବେଶନରେ ଆହ୍ୱାନ କରାଯାଇଥିଲା । ଏହି ଅଧିବେଶନକୁ ପ୍ରଖ୍ୟାତ ସଂଗ୍ରାମୀ ଆବୁଲ କାଲାମ ଆଜାଦ ପରିଚାଳନା କରିଥିଲେ । ପ୍ରାୟ ଦଶ ହଜାର ଜନତା ଓ ୨୫୦ ଜଣ କଂଗ୍ରେସ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦାନ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା ମନୋନୀତ ହୋଇ ହରେକୃଷ୍ଣ ମହତାବ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ମାଳତି ଚୌଧୁରୀ, ପ୍ରହ୍ଲାଦ ରାୟ ଲାଠ, ଲକ୍ଷ୍ମୀ ନାରାୟଣ ମିଶ୍ର ଓ ବ୍ୟକ୍ତିଗତ ଭାବେ ସୁରେନ୍ଦ୍ର ନାଥ ଦାସ ଯୋଗ ଦେଇଥିଲେ ।
ଅଗଷ୍ଟ ୮ ତାରିଖରେ ଆବୁଲ କାଲାମ ଆଜାଦ 'ଭାରତଛାଡ ପ୍ରସ୍ତାବ' ଆଗତ କରିଥିଲେ । ସେହିଦିନ ରାତିରେ ଉକ୍ତ ପ୍ରସ୍ତାବ ଗୃହିତ ହୋଇଥିଲା । ଭାରତ ଛାଡ ଆନ୍ଦୋଳନକୁ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚାଇବାରେ ଓଡ଼ିଶାର ଅବଦାନ ଉଲ୍ଲେଖନୀୟ। ଓଡ଼ିଶାର ସମସ୍ତ ଜିଲ୍ଲା ଓ ଗଡଜାତ ଅଞ୍ଚଳ ଭାରତ ଛାଡ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ଭାରତ ଛାଡ ଆନ୍ଦୋଳନକୁ ନିର୍ମମ ତଥା ନିଷ୍ଠୁର ହସ୍ତରେ ଦମନ କରିବା ନିମନ୍ତେ ଇଂରେଜ ସରକାର ବଦ୍ଧପରିକର ଥିଲେ। ଓଡ଼ିଶାର ପ୍ରଦେଶ କଂଗ୍ରେସ କମିଟି, ଜିଲ୍ଲା କମିଟି, ଥାନା କଂଗ୍ରେସ କମିଟି ଓ କଂଗ୍ରେସ କମିଟିମାନଙ୍କୁ ଇଂରେଜ ସରକାର ବେଆଇନ ଘୋଷଣା କରି ତାଲା ପକାଇ ଦେଇଥିଲେ। ଭାରତ ଛାଡ ଆନ୍ଦୋଳନକୁ ଦମନ କରିବା ନିମନ୍ତେ ଇଂରେଜ ସରକାର ସମସ୍ତ ପ୍ରକାର ଅକଥନୀୟ କାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ । ଓଡ଼ିଶାର ଅନେକ ସତ୍ୟାଗ୍ରହୀ, ସଂଗ୍ରାମୀ, ମୁକ୍ତିପ୍ରେମୀ ତଥା ସ୍ୱତନ୍ତ୍ର ସେନାନି ଭାରତଛାଡ ଆନ୍ଦୋଳନ ସମୟରେ ଇଂରେଜ ସରକାରଙ୍କର ଦମନ ଲୀଳାର ଶିକାର ହୋଇ ସହିଦ ହୋଇଥିଲେ । ଭାରତ ଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ କଟକ ଜିଲ୍ଲାର କାଇପଦା ଗୁଳିକାଣ୍ଡରେ ସାନନ୍ଦ ସ୍ୱାଇଁ, ସାଉଁଟି ମଲ୍ଲିକ, ମାୟାଧର ଭୂୟାଁ ଓ ହାଡିବନ୍ଧୁ ପଣ୍ଡା, ଦେଶ ମାତୃକାର ମୁକ୍ତି ପାଇଁ ସହିଦ ହୋଇଯାଇଥିଲେ । ୧୯୪୨ ମସିହା ସେପ୍ଟେମ୍ବର ୨୧ ତାରିଖରେ ବାଲେଶ୍ୱର ଜିଲ୍ଲାର ଲୁଣିଆଠାରେ ଏକ ମର୍ମନ୍ତୁଦ ଗୁଳିକାଣ୍ଡ ଘଟିଥିଲା । ଏହାଦ୍ୱାରା ୧୦ ବା ୧୧ ଜଣ ବ୍ୟକ୍ତିଙ୍କର ଜୀବନ ଦୀପ ଅଦିନରେ ଲିଭି ଯାଇଥିଲା । ଯେଉଁ ଦେଶଭକ୍ତମାନେ ନିଜର ଜୀବନକୁ ଦେଶ ପାଇଁ ବିସର୍ଜନ କରିଥିଲେ, ସେମାନେ ଥିଲେ କଳାନିଧି ମହାଳିକ, ଶ୍ୟାମ ମହାଳିକ, କୃଷ୍ଣ ମହାଳିକ, ନବ କିଶୋର ନାୟକ, ଗୌରହରି ଜେନା, ଚିନ୍ତାମଣି ଦାସ, ଗୋପୀନାଥ ଜେନା, ଶଙ୍କର ମହାଳିକ, ଅଗଣିସାହୁ ।
ପୁରୀ ଜିଲ୍ଲାର ନିମାପଡାଠାରେ ଏହି ଐତିହାସିକ ଆନ୍ଦୋଳନରେ ଯୋଗଦେଇ ସତୀର୍ଥ ସଂଗ୍ରାମୀ ଉଛବ ମଲ୍ଲିକ, ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ । ବାଲେଶ୍ୱର ଜିଲ୍ଲାର ଡିହ ଗୁଳିକାଣ୍ଡ ସାମ୍ରାଜ୍ୟବାଦୀ ଇଂରେଜୀ ସରକାରଙ୍କର ନାରକୀୟ କାଣ୍ଡର ଜ୍ୱଳନ୍ତ ଉଦାହରଣ । ଖଇରଡିହ ଗୁଳିକାଣ୍ଡରେ ରଘୁ ବେହେରା, ମକର ଲେଙ୍କା, କେଳୁ ସାହୁ, ମାତୃଭୂମି ପାଇଁ ନିଜ ଜୀବନ ଦେଇ ଇତିହାସ ପୃଷ୍ଠାରେ ଚିର ଅମର ହୋଇ ରହିଲେ । ସୁଦୂର କୋରାପୁଟ ଜିଲ୍ଲାର ବୈପାରୀଗୁଡା ଥାନା ଅଧିନରେ ଥିବା ତେନ୍ତୁଳିଗୁମ୍ମା ଗ୍ରାମର ସଂଗ୍ରାମୀ କଂଗ୍ରେସ କର୍ମୀ ଲକ୍ଷ୍ମଣ ନାୟକଙ୍କୁ ଏକ ମିଥ୍ୟା ହତ୍ୟା ଅଭିଯୋଗରେ ଭାରତ ଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ଫାଶି ଦିଆଯାଇଥିଲା । ଅଗଷ୍ଟ ବିପ୍ଳବରେ ଲେଲିହାନ ଶିଖା ପ୍ରଜ୍ୱଳିତ ହେଉଥିବା ସମୟରେ କୋରାପୁଟ ଜିଲ୍ଲାର ମାଥୁଲିଠାରେ ଇଂରେଜ ପ୍ରଶାସକ ନିରୀହ ସତ୍ୟାଗ୍ରହୀମାନଙ୍କ ପ୍ରତି ଗୁଳି ଚାଳନା କରି ନିଜ ଅମାନୁଷିକତାର ପରିଚୟ ଦେଇଥିଲେ ।
ମାଥୁଲି ଗୁଳିକାଣ୍ଡରେ ଜୀବନ ହରାଇଥିବା ସତ୍ୟନିଷ୍ଠ ନିର୍ଭିକ ସଂଗ୍ରାମୀମାନେ ହେଲେ, ସମରା ବିଶି ନାୟକ, ନରସିଂହ ବିପଙ୍ଗ, ଅର୍ଜୁନ କାଟିଆ, ଲିଙ୍ଗା କାଟି ଓ ସିକୁ ଗାଟେ । ୧୯୪୨ ମସିହା ସେପ୍ଟେମ୍ବର ମାସ ୨୮ ତାରିଖ ଦିନ ବାଲେଶ୍ୱରଜିଲ୍ଲାର ବାସୁଦେବପୁର ଥାନା ଅନ୍ତର୍ଗତ ଇରମରେ ସଂଗଠିତ ଗୁଳିକାଣ୍ଡ ସର୍ବାଧିକ ଲୋମହର୍ଷକାରୀ ଓ ହୃଦୟ ବିଦାରକ । ପ୍ରତିବାଦକାରୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରକୁ ନିର୍ମମ ଭାବରେ ଅବିରତ ଗୁଳିଚାଳନା କରି ଇଂରେଜ ପୋଲିସ ୨୯ ଜଣକୁ ମୃତ୍ୟୁ ମୁଖକୁ ଠେଲି ଦେଇଥିଲେ । ଏହି କଳଙ୍କିତ ଘଟଣାକୁ ଯଥାର୍ଥରେ ଦ୍ୱିତୀୟ ଜାଲିଆନାୱାଲାବାଗ ରୂପେ ବିବେଚନା କରାଯାଏ । ଇରମ ରକ୍ତତୀର୍ଥ ରୂପେ ସର୍ବତ୍ର ମାନ୍ୟତା ଲାଭ କରିଛି ।
ପୋଲିସ ଗୁଳିରେ ବୀର ଗତି ପ୍ରାପ୍ତି ହୋଇଥିବା ଉତ୍କଳ ଜନନୀର ବରପୁତ୍ରମାନେ ଗୋପାଳ ଚନ୍ଦ୍ର ଦାସ, ଧ୍ରୁବଚରଣ ଦେ, ବିଶ୍ୱନାଥ ଦାସ, ବିଭୂତି ବାସ, ବାସୁଦେବ ସାହୁ, ବଲ୍ଲଭ ବେହେରା, ହୃଷି ବେହେରା, ହରି ବେହେରା, ମାଘା ମାହାଳିକ, ମଣି ବେହେରା, କୃଷ୍ଣ ସ୍ୱାଇଁ, କାଳି ମାଜି, ନୂଆ ମାଝି, ମଦନ ପଲାଇ, ରାଧୁ ମହାଳିକ, କୃପାସିନ୍ଧୁ ବେହେରା, ରାମ ମାଝି, ଗୋବିନ୍ଦ ରାଉତ, ଉପମଲ୍ଲିକ, ବୃନ୍ଦାବନ ପଣ୍ଡା, ପରୀ ବେଓ୍ୱା, ମଣି ପ୍ରଧାନ, ପରୀ ଦାସ, ରତ୍ନାକର ପାଣି, ନିଧି ମଲ୍ଲିକ, ଶଙ୍କର ମଲ୍ଲିକ, ଭାବନ ରାଉତ, ଦିବାକର ପାଣିଗ୍ରାହୀ, କଟି ସାହୁ।
ଐତିହାସିକ ଅଗଷ୍ଟ ବିପ୍ଳବରେ ଅନ୍ୟ ଏକ ବିରସ ଦୃଶ୍ୟ ଇଂରେଜ ପ୍ରଶାସକମାନେ ପାପଡାହାଣ୍ଡି ଗୁଳିକାଣ୍ଡ ମାଧ୍ୟମରେ ସୃଷ୍ଟି କରିଥିଲେ । ୧୯୪୨ ମସିହା ଅଗଷ୍ଟ ୨୪ ତାରିଖରେ ପୋଲିସ ଗୁଳିଚାଳନା କରି ଭଗବାନ ପୂଜାରୀ, ବିକ୍ରମ ଭାତ୍ରା, ଅଗପତି ଅମାନତ୍ୟ, ପରମାନନ୍ଦ ଶବର, ଆନନ୍ଦ ରାଉତ, ବଳି ସଉରା, ରତନ ରାନ୍ଧାରୀ, ବଢୁ ଅମାନତ୍ୟ, ମଙ୍ଗୁଳି ଭ୍ରାତା, ଜଗନ୍ନାଥ ଅମାନତ୍ୟ, ସହଦେବ ପୂଜାରୀ, ସୁକୁ ମୁଦୁଲି, ସଦାଶିବ ରଣା, ରତନ ପୂଜାରୀ, ରାମଚନ୍ଦ୍ର ଅମାନତ୍ୟ, ଘାସୀ ଜାନି, ଦିନବନ୍ଧୁ ଜାନି, ସୁଦୁଭ୍ରାତ୍ରା ଓ ଶ୍ୟାମସୁନ୍ଦର ଗଉଡଙ୍କୁ ନିହତ କରିଥିଲେ । ଗଡଜାତ ରାଜ୍ୟ ଢେଙ୍କାନାଳ, ତାଳଚେର, ନୟାଗଡ ଓ ନୀଳଗିରି ପ୍ରଭୃତିରେ ଭାରତ ଛାଡ ଆନ୍ଦୋଳନରେ ଉଗ୍ରରୂପ ଦେଖିବାକୁ ମିଳିଥିଲା । ତାଳଚେରରେ ସର୍ବାଧିକ ପ୍ରଜାମଣ୍ଡଳ କର୍ମୀ ଅତ୍ୟାଚାରୀ ରାଜତନ୍ତ୍ର ଓ ଅବିବେକି ଇଂରେଜ ଶକ୍ତି ବିରୋଧରେ ସ୍ୱର ଉତ୍ତୋଳନ କରି ସହିଦ ହୋଇଥିଲେ । ସେମାନେ ଥିଲେ ବାସୁଦେବ ସାହୁ, କୃତାର୍ଥ ପ୍ରଧାନ, ଭଗବାନ ସାହୁ, ଭଜନ ନାୟକ, ମହେଶ୍ୱର ପ୍ରଧାନ, ପଦିଆ ବେହେରା, ରବିନ୍ଦ୍ର ଚନ୍ଦ୍ର ପ୍ରଧାନ ଓ ବାଳି ସେଠୀ, ଗଡଜାତ ରାଜ୍ୟ ଢେଙ୍କାନାଳରେ ଭାରତ ଛାଡ ଆନ୍ଦୋଳନ ସମୟରେ ବୀର ସାହୁ ତ୍ୟାଗ କରିଥିଲେ । କାଷ୍ଠି ଡାକୁଆ, କଣ୍ଡୁରୀ ପରିଡା, ବୁଦ୍ଧି ପରିଡା ଓ ଜୟ ବେହେରା ଅଗଷ୍ଟବିପ୍ଳବରେ ଅଂଶଗ୍ରହଣ କରି ସହିଦ ହେବା ସହିତ ପୂର୍ବତନ ନୟାଗଡ ଦେଶୀୟ ରାଜ୍ୟ ପାଇଁ ଗର୍ବ ଓ ଗୌରବ ସୃଷ୍ଟି କରିପାରିଥିଲେ । ନୀଳଗିରି ଗଡଜାତ ରାଜ୍ୟରେ ରଘୁ ନାୟକ ଓ ଗଙ୍ଗା ମଲ୍ଲିକ ଭାରତଛାଡ ଆନ୍ଦୋଳନରେ ସହିଦ ହୋଇଥିଲେ । ମହାନ ଅଗଷ୍ଟ ବିପ୍ଳବରେ ଅଂଶଗ୍ରହଣ କରି ସହିଦ ହୋଇଥିବା ଓଡ଼ିଶାର ସମସ୍ତ ସଂଗ୍ରାମୀମାନଙ୍କୁ କୃତଜ୍ଞ ଓଡ଼ିଆ ଜାତିର ଆଜିର ଦିବସରେ ବିନମ୍ର ଶ୍ରଦ୍ଧାଞ୍ଜଳି ।



ଧ୍ରୁବଚରଣ ଘିବେଲା
ବଉଦରାଜ, ଜି. ବୌଦ୍ଧ
ପିନ -୭୬୨୦୧୪
ମୋ.୯୪୩୭୪୭୮୪୬୬

# ପାଠରେ ନାଁ କବିତା ପାଠ

ପାଠ ଓ କବିତା ସମାନ ନୁହେଁ । ପାଠ ଅଧ୍ୟୟନ କରାଯାଏ । ପାଠ ଲୋଡ଼ା ଥାଏ ଜୀବନ ଗଢ଼ଣ ପାଇଁ । କବିତା ଲେଖାଯାଏ ଖୁସି ସାଉଁଟିବା ପାଇଁ । ସାହିତ୍ୟ ପାଠରେ କବିତା ପଢ଼ାଯାଏ । ଶିକ୍ଷକ ସାହିତ୍ୟ ପାଠ ବହିରୁ ଛାତ୍ରଙ୍କୁ କବିତା – ପଦ୍ୟ, ଗଦ୍ୟ ପ୍ରବନ୍ଧ ପଢ଼ାନ୍ତି। ପାଠ ପଢ଼ିଲେ ପାଠୁଆ ପଣ୍ଡିତ ହୁଅନ୍ତି। କବିତା ଲେଖିଲେ କବି ହୁଅନ୍ତି । କବିତା ଏକ ସୃଜନାତ୍ମକ କଳା । ଏହାକୁ ସୃଜନ କରାଯାଏ । ସୃଷ୍ଟି କରାଯାଏ । ଲେଖାଯାଏ । ପାଠ ବି ପଢ଼ିବା ସହିତ ଲେଖାଯାଏ । ଯେତେ ଲେଖିବ / ପଢ଼ିବ, ପାଠ ସେତେ ଆୟତ୍ତ କରିହୁଏ। ପାଠରେ ପ୍ରତିଷ୍ଠା ପାଇଁ ପରିଶ୍ରମ ଲୋଡ଼ାଥାଏ । କବିତା କଳା ଲିଖନ ଧାରାକୁ ଆୟତ୍ତ କରିବା ପାଇଁ ସାଧନାରେ ରହିବାକୁ ହୁଏ । ବିନା ପରିଶ୍ରମରେ ପାଠ ହୁଏନି, ସେମିତି ବିନା ସାଧନାରେ କବିତା କଳାରେ ଉତ୍କର୍ଷତା ହାସଲ କରି ହୁଏନି ଓ ହେଲେ ଉଭୟଟା ପାଠ କରାଯାଏ ଓ ଖାଲି ପାଠ କରିବା ସ୍ଥାନ ରହିଥାଏ ଅଲଗା ଅଲଗା । ବହି ପାଠ ପଢ଼ାଯାଏ ସ୍କୁଲରେ, ଘରେ ବି । କବିତା ପଢ଼ାଯାଏ କବି ସମ୍ମିଳନୀରେ। ହଁ, ଘରେ ଏକା ଏକା ଜଣେ କବିତା ପଢ଼ିପାରେ। ହେଲେ ଘରେ ନ ଥାନ୍ତି ଶ୍ରୋତା କବିତା ଶୁଣିବା ପାଇଁ । କବି ସମ୍ମିଳନୀରେ କବି -ଶ୍ରୋତା ଥାଆନ୍ତି କବିତା ଶୁଣିବା ପାଇଁ। ଆଜିକାଲି ଅଜବ ସାମଞ୍ଜସ୍ୟ ଦେଖାଯାଏ -ଘରେ କବିତା ପଢ଼ିବା ଯାହା, କେଉଁ ସଭାରେ / କବି ସମ୍ମିଳନୀରେ ସେମିତି କବି ପଢ଼ିବା ତାହା। ଘରେ କବିତା ପଢ଼ାଗଲେ ଶ୍ରୋତା ବକତା ( ପାଠକ ) ସେଇ ଜଣେ ଥାଆନ୍ତି। ଆଜିକାଲିର କବି ସମ୍ମିଳନୀରେ ଶେଷ ଆଡ଼କୁ ସେଇ ସ୍ଥିତି ଆସିଯାଏ । ଶେଷ କବି ତାଙ୍କ କବିତା ପାଠ କଲା ବେଳକୁ ସେମିତି କେହି ନ ଥାନ୍ତି । ରହିଥାନ୍ତି କବିମାନେ ଫେରାର ମାରିବା ସ୍ଥିତିରେ ଖାଲିଥିବା ନିର୍ଜୀବ ଚଉକିମାନେ ଇତଃସ୍ତତ ମୁହଁ କରି ।
ତେବେ ପାଠ ଯେ ପଢ଼େ ତା'ର ପରିଚୟ ରହେ ପାଠୁଆ ଛାତ୍ର । ପୁଣି ସେଇ ଛାତ୍ର ଶିକ୍ଷା ଗ୍ରହଣ କରି ଶିକ୍ଷାର୍ଥୀ, ବିଦ୍ୟା ଲାଭ କରି ବିଦ୍ୟାର୍ଥୀ ଭାବେ ପରିଚିତ ହୁଅନ୍ତି। କବିତା ଲେଖାଳିଙ୍କ ସାଧାରଣ ପରିଚୟ ସେମିତି ଥାଏ କବି। କବି ବି ଛାତ୍ର ହୋଇପାରନ୍ତି ଓ ଆଜୀବନ ଶିକ୍ଷାର୍ଥୀ / ବିଦ୍ୟାର୍ଥୀ ରହିପାରନ୍ତି । ସବୁ କ୍ଷେତ୍ରରେ ଜ୍ଞାନ ଅର୍ଜନ ପାଇଁ ସବୁବେଳେ ପଢିବାକୁ ହୁଏ । କବିତାର ଧାରା ଓ ଧାରଣା ଜାଣିବାକୁ ହୁଏ । ସବୁଠି ସ୍ୱାଧ୍ୟାୟ ଲୋଡ଼ା ଥାଏ । ଅତିଶୟ ପଢ଼ିବାପଣ ଜଣକୁ ପ୍ରାଜ୍ଞ କରେ । ଯିଏ ଶିଷ୍ୟ ସ୍ଥାନରେ ସବୁବେଳେ ରହନ୍ତି, ସେ ଉତ୍ତମ ଗୁରୁ ବିଭିନ୍ନ କ୍ଷେତ୍ରର ହୋଇପାରନ୍ତି । କବି ଯେ ଖାଲି ଲେଖିବେ, ସେଇୟା ନୁହେଁ। ପ୍ରଚୁର ପଠନର ବି ଆବଶ୍ୟକତା ଥାଏ କବିଙ୍କ ପାଇଁ । ଅସଲକୁ ପଢ଼ିବାରେ ବି ଆନନ୍ଦ ଥାଏ । ଲେଖିବା କାର୍ଯ୍ୟରୁ ବି ଆନନ୍ଦ ମିଳେ । କବିତା ପାଠ କରି ଅନ୍ୟ କବିଙ୍କ ଗହଣରେ ନିଜକୁ ବିଜ୍ଞପିତ କରିବା ଲକ୍ଷ୍ୟରେ କବିତା ପାଠ କରାଯାଇଥାଏ। ନିଜକୁ ବିଜ୍ଞପିତ କରିବାର ଏକ ମହାର୍ଘ ମଞ୍ଚ ହେଉଛି କବି ସମ୍ମିଳନୀ । କବି ଖାଲି କଣ କବିତା ଲେଖିବେ, ପଢ଼ିକି ଅନ୍ୟକୁ ଶୁଣାଇବେ ନା ! ମଝିରେ ମଝିରେ ତାଳି ମାଡ଼ ହେଉଥିଲେ କବି ନିଜ କବିତା ପଢ଼ିଲା ବେଳେ କୁତୁକୁତୁ ହୁଅନ୍ତି ନିଶ୍ଚୟ । ସେ ତାଳି କବିଙ୍କ ପାଇଁ ସମ୍ମାନ ସଦୃଶ ଓ ତାଳି ପାଇଁ ସମସ୍ତଙ୍କ ଥାଏ ଆଗ୍ରହ । ଶ୍ରୋତାଙ୍କ ତାଳି କବିଙ୍କଠି ସାଜିପାରେ ଗଳାର ମାଳି । ଆଜିକାଲି ଯେଉଁଠି ହେଉଛି ସାହିତ୍ୟ ସଭା, ସେଇଠି ରଖାଯାଉଛି କବିତା ପାଠ କାର୍ଯ୍ୟକ୍ରମ, ସଭାର ଆଗରେ ହେଉ କି ପଛରେ ହେଉ । କବିତା ପାଠର ଆକର୍ଷଣରେ କବି ଧାଆଁନ୍ତି ସାହିତ୍ୟ ସଭାକୁ । କେଉଁଠି କେଉଁଠି ପ୍ରମାଣପତ୍ର ବନିଥାଏ କବିଙ୍କ ପାଇଁ ଆକର୍ଷଣର ବିଷୟ । ଅସଲକୁ ସେ ପ୍ରମାଣପତ୍ର ତ ମାନପତ୍ର ନ ଥାଏ । ସେଥିରୁ ମିଳେ କଣ ? ସେଥିରୁ ମିଳେ କବିତା ପାଠ କରିଥିବାର ଠୋସ ପ୍ରମାଣ। ତାକୁ ନେଇ ବହେ ଖୁସି ହୁଅନ୍ତି । ତାକୁ ଧରି ସାହିତ୍ୟ ସଭାରୁ ଖୁସିରେ ଫେରନ୍ତି ପ୍ରମାଣପତ୍ର ପ୍ରିୟମାନେ। ଯେଉଁଠି ସାହିତ୍ୟ ସଭା ହେଉ, ସେଠି କବିଙ୍କ ପ୍ରବଳ ଭିଡ଼। ହେଲେ କାହିଁ ଜଣାପଡ଼େନି ଅନ୍ୟକୁ ଗ୍ରହଣ କରିବାର ପ୍ରବଳ ମାନସିକତା । ଅନେକ ପୁଣି ଭାବନା ରଖନ୍ତି, ତାଙ୍କ କବିତା ସଭିଏଁ ଶୁଣନ୍ତୁ । ସେ କିନ୍ତୁ କାହାର କବିତା ଶୁଣିବେ ନାହିଁ । ଏଭଳିଆ କବିଙ୍କ ସଂଖ୍ୟା ଆଜି ବେଶ ବଢୁଛି । ଆଗ କବିତା ପଢ଼ି ଦେଇ କେମିତି ସେଇଠୁ ଖସିଯିବେ, ସେଥିପାଇଁ ଖୁବ ଫନ୍ଦିଫିକର/ କସରତ ବି କରନ୍ତି । ସଂଯୋଜକଙ୍କୁ କୁହାବୋଲା କରନ୍ତି ଆଗ କବିତା ପାଠ କରିବାର ସୁଯୋଗକୁ ହାତପାଆନ୍ତା କରିବା ପାଇଁ । କବିସୂର୍ଯ୍ୟ କାହିଁ କେବେ ଗାଇଥିଲେ 'ରବି ହେଲେ ଜ୍ୟୋତିରିଙ୍ଗଣ ପୋକ, କବି ହୋଇଗଲେ ସମସ୍ତ ଲୋକ' – ଏକଥା ଆଜିର ଦିନରେ ଠିକ ପ୍ରତୀୟମାନ ହୁଏ। ଲୋକସଂଖ୍ୟା ଯେତେବେଳେ ବଢୁଛି, କବି ସଂଖ୍ୟା ସେମିତି ବଢ଼ିବା ସ୍ୱାଭାବିକ। ଆଜିକାଲିର ସାହିତ୍ୟ ସଭାରେ କବିଙ୍କ ଗହଳଚହଳ ଟିକେ ଅଧିକ । ସଭାରେ ହାବଭାବରୁ କେତେକ କବି କବି ମଧ୍ୟ ମନେହୁଅନ୍ତି। ସେମାନଙ୍କ ଠାଣିମାଣି ସ୍ୱତନ୍ତ୍ର । ଚାହାଣୀରେ ସେମିତି ଅଲଗା ଭାବ ବାରି ହୁଏ । ସେଭଳିଆ କବି ଆଗ କବିତା ପାଠ କରିବାକୁ ବିକଳ ହୁଅନ୍ତି। କବିଙ୍କ ସଂଖ୍ୟା ଦେଖି ସଂଯୋଜକ ଦ୍ୱନ୍ଦ୍ୱରେ ପଡ଼ନ୍ତି କେମିତି କରିବେ ସଂଯୋଜନା। ପ୍ରକୃତ ସଂଯୋଜନା କଲେ ସବୁ କବି କବିତା ପାଠ କରିବା ପାଇଁ ସଭିଏଁ ସୁଯୋଗ ପାଇନପାରନ୍ତି। ବେଳେ ବେଳେ ନିଷ୍ପତ୍ତି ନେବାକୁ ବାଧ ହୁଅନ୍ତି ଖାଲି କବିଙ୍କ ନାଁ ଡାକିବାକୁ । କବିଙ୍କୁ ପୁଣି ତାଗିଦ କରାଯାଏ କବିତାର ଧାଡ଼ି ବାରମ୍ବାର ନ ଦୋହରାଇବାକୁ । ଗୀତ ଆକାରରେ ନ ବୋଲିବା ପାଇଁ ଅନୁରୋଧ ବି ରଖାଯାଏ। ନ ହେଲେ କିଛି ରହିଯାଇ କ୍ଷୁବ୍ଧ ହେବେ କବିତା ପଢ଼ି ନ ପାରି । ଆଗ ନ ପଢ଼ିଲେ ନାହିଁ, ଯେତେବେଳେ ବି କେଉଁ କବିଙ୍କ ନାଁ ଯଦି ଡକାନଯାଏ, ସେମାନଙ୍କୁ ଆଗକୁ କବିତା ପାଠ କାର୍ଯ୍ୟକ୍ରମକୁ ଡାକିଲେ ବି ଆଉ ସେ ଆସିନପାରନ୍ତି । ସବୁ ଆଡ଼କୁ ଦେଖିଚାହିଁ କବିତା ସଂଯୋଜନା କରିବାକୁ ପଡ଼େ ସଂଯୋଜକଙ୍କୁ । ଏବର କବିଙ୍କ ସାଙ୍ଘାତିକ ରୋଗ ନିଜ କବିତା ପଢ଼ିସାରିଲା ପରେ ସିଧା ପଳାଇବା। ଏମିତି ଯାଇ ଯାଇ ଶେଷ କବିଙ୍କୁ ଶୁଣିବା ପାଇଁ କେହି କବି ନ ଥାନ୍ତି କେବେ କେବେ । ଥାଆନ୍ତି କିଛି ଟେଣ୍ଟ ସାମାନ ଉଠାଇବା ପାଇଁ ଅପେକ୍ଷା କରି ରହିଥିବା ପିଲା ଆଉ ଇଆଡ଼େ ସିଆଡ଼େ ପଡ଼ିଥିବା କିଛି ଖାଲି ଚଉକି। ଶେଷ କବି ସେଇ ସ୍ଥିତିରେ କବିତା ପଢ଼ିନପାରନ୍ତି । ଯଦିବା ପଢ଼ନ୍ତି, ଦୁଃଖ ଲଭିବା ସ୍ୱାଭାବିକ ।
କବିତା ପାଠର ରୂପରେଖ ବଦଳାଇବା ପାଇଁ ନୂଆ ଧାରା କିଛି କରାଯିବା ଦରକାର । ଏକେ ତ କମ କବିଙ୍କୁ ଡକାଯିବା ଭଲ । ଯେମିତି ସଭିଏଁ ପଢ଼ିବେ, ସଭିଏଁ ଶୁଣିବେ । ଶହ ଶହ କବି ଆସିଗଲେ ଘୋ' ଘୋ' ହେବା ଥୟ । କାହା କବିତା ଶୁଣିବା ବି ସହଜ ହୁଏ ନାହିଁ ହାଉଯାଉ ଯୋଗୁଁ । କବିମାନେ ନିଜ ଭିତରେ କଥା ହେବେ ସେଠି ଭେଟ ପଡ଼ିଥିବାରୁ । ଏହାକୁ ବନ୍ଦ କରିବା ସହଜ ନୁହଁ । ସେଠି ଭେଟ ପଡ଼ିଛନ୍ତି ମାନେ ଗପିବେ। ପୁନଶ୍ଚ ଅତ୍ୟଧିକ କବିଙ୍କ ଗହଳିକୁ ଏଡ଼ାଇବା ପାଇଁ ପ୍ରମାଣପତ୍ର ଦେବାର ଉଚ୍ଛେଦ ପ୍ରଥା ଲାଗୁ ହେଲେ ମନ୍ଦ କବିଙ୍କ ଗହଳ ଚହଳ ବୋଧେ ରହନ୍ତା ନାହିଁ । କବିତା ପଠନ ପାଇଁ ପ୍ରମାଣପତ୍ର ମୋହ ଅନେକଙ୍କୁ ବି କରିଥାଏ ସାହିତ୍ୟ ସଭାମୁହାଁ । କମ କବିଙ୍କୁ ନେଇ କବିତା ପାଠ କରାଯିବା ସବୁଠୁ ଭଲ । ଏହାଦ୍ୱାରା ଶାନ୍ତି ଶୃଙ୍ଖଳା ଆପେ ରହିବ। କେହି ନିଜ କବିତା ପଢ଼ି ଦେଇ ଛୁ ମାରିବେ ନାହିଁ । ସାହିତ୍ୟ ସଭା ତଥା କବିତା ପାଠର ସୌନ୍ଦର୍ଯ୍ୟ ବଢ଼ିବ ସଭିଏଁ ଅନ୍ୟକୁ ଶୁଣିଲେ । ନିଜ କବିତା ବାକି କବିଙ୍କୁ ଶୁଣାଇ ପାରିଲେ । ସେଇ ସ୍ଥିତିରେ କବି ଓ କବିତାର ଜୟ ହେବ ନିଶ୍ଚୟ। କବିତା ପାଠ କାର୍ଯ୍ୟକ୍ରମ ସୁନ୍ଦର ବି ଲାଗିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ବର୍ଷା !


**ନୂତନ କୁମାର ବେହେରା**



ଅନନ୍ତ ଆକାଶର କନ୍ୟାରତ୍ନ ତୁମେ
ସୃଷ୍ଟି ସର୍ଜନାର ଦିବ୍ୟ ଉପହାର
ଆଦିଶକ୍ତି ଆଦିମାତାଙ୍କର ଆଶୀର୍ବାଦ,
ଧରାପୃଷ୍ଠକୁ ଅବତରି ଆସ ଯେବେ
ଗୁଞ୍ଜରିତ ହୁଏ ସଂଗୀତର ମଧୁର ମୂର୍ଚ୍ଛନା
ଘୁଞ୍ଚିଯାଏ ହୃଦୟ ଦାବାନଳର ଅବସାଦ।
ସଚରାଚରେ ହୁଅ ମୃତ୍ୟୁ ସଞ୍ଜିବନୀ
କଙ୍କାଳ ମଧ ପାଇଥାଏ ଜୀବନ୍ୟାସ
ତା' ମନ ପ୍ରାଣର ଯୋଗାଇ ଦିଅ ଇନ୍ଧନ,
ତୁମର ପ୍ରୀତି ଭରା ମଧୁର ସ୍ପର୍ଶରେ
ପ୍ରକୃତିରାଣୀ ହସେ ବଢ଼ାଇ ତା' ସୌନ୍ଦର୍ଯ୍ୟ
ଧରିତ୍ରୀର ଦୁଃଖ ଯାତନା ହୁଏ ଅବସାନ।
ବର୍ଷା !
ଅସହାୟତାର ଆଶା ସମ୍ଭାବନା ତୁମେ
ସ୍ୱର୍ଗରୁ ମର୍ତ୍ତ୍ୟକୁ ଆସ ଦେବୀ ମା' ରୂପରେ
କର ଜୀବଜଗତର ଜୀବନ ସଞ୍ଚାର,
ଆଖିର ଅସରନ୍ତି ସ୍ୱପ୍ନକୁ ସଫଳ କରିବାକୁ
ପ୍ରାଣେ ପ୍ରାଣେ ଭରିଦିଅ ଉତ୍ସାହ ପ୍ରେରଣା
ଶାନ୍ତି ସୁଖର ଅମୃତବାଣୀ କର ପ୍ରଚାର।
ରୁକ୍ଷ କଠିନ ଶିଳାର ମନ ମୃତ୍ତିକାକୁ ତୁମେ
ବତୁରାଇ ଦେଇ କରିଦିଅ ସୁକୋମଳ



ହୃଦୟେ ଆନନ୍ଦ ଭରି ଯାଏ ଆଶାତୀତ,
ସେ ମାଟିର ବାସ୍ନା ଛୁଇଁଯାଏ ପ୍ରତିଟି ଆତ୍ମାକୁ
ମହାଶୂନ୍ୟତାରୁ ପୂର୍ଣ୍ଣତା ଆଣି ଦିଅ
ଗଢ଼ ମାଟିର ସ୍ୱର୍ଗରେ ଉଜ୍ଜ୍ୱଳ ଭବିଷ୍ୟତ।
ବର୍ଷା !
ଚାଷୀକୁ ଦିଅ ଅସୀମ ଶକ୍ତି ସାହସ
କର୍ଷଣେ କୃଷି କରେ ସେ ଧୈର୍ଯ୍ୟ ଧରି
ସାରା ଜଗତକୁ ଯୋଗାଏ ଆହାର,
ବିରହୀ ବିଧୁର ପ୍ରାଣର ପୀୟୂଷ ହୋଇ
ଦିଅ ତୁମେ ବାସ୍ତବ ଭଲ ପାଇବାର ମନ୍ତ୍ର
ପ୍ରେମମୟ ହୁଏ ସୁନାର ଘର ସଂସାର।
ପ୍ରତିଟି ଜୀବନର ଜୀବନ ହୋଇ ତୁମେ
କ୍ଷୁଧା ତୃଷା ନିବାରଣରେ ହୁଅ ମହାପ୍ରସାଦ
ସୃଷ୍ଟିର ଶିରୀ ତୁମେ କଲ୍ୟାଣ କାରିଣୀ,
ବନ ବନାନୀ ନଦୀ ଝରଣା ମହାସାଗର
ତୁମ ପ୍ରକୃତ ପ୍ରେମର ସାତ୍ତ୍ୱିକ ପ୍ରମାଣ
ତୁମ ବଦାନ୍ୟତାରେ ପ୍ରକୃତି ସାଜେ ରାଣୀ।




ଜୋଡ଼ି, ଡାଡିପଡା, ମୟୁରଭଞ୍ଜ
ଦୂରଭାଷ-୮୦୧୮୩୫୯୩୨୨



# ଅସ୍ମିତା

**ଡ. ଅନିଲ ନନ୍ଦ**

ସେମାନେ ସବୁ ଦେଖିଛନ୍ତି
ଯୋଉମାନେ ଅତିଥି ହେଇ
ଆସିଥିଲେ ଅଳ୍ପ ସମୟ ପାଇଁ ।

ଦେଖି ସାରିଛନ୍ତି ସେମାନେ
ଟି - ପୟ ଉପରେ ମୁକୁଳା ପଡ଼ିଥିବା
ଓଡ଼ିଆ ଖବର କାଗଜ ଖଣ୍ଡେ
ଖସିପଡିଲା କେମିତି ତଳେ,
ବାଧହେଲା ଇଂରାଜୀ ସମ୍ବାଦପତ୍ରକୁ
ଛାଡ଼ିଦେଇ ନିଜ ଭିଟାମାଟି ।

ଆଭିଜାତ୍ୟର ପର୍ଦ୍ଦା ତଳେ
ଲୁଚାଇ ଦେଲେ ମୁହଁ
ଖୁବ୍ ପ୍ରସିଦ୍ଧ ଓଡିଆ ଉପନ୍ୟାସ କେଇଖଣ୍ଡ
ଓଡିଆ ବର୍ଣ୍ଣମାନଙ୍କୁ ବିବର୍ଣ୍ଣ କରି
ଜିଭ ଅଗରେ ସଜେଇ ହେଲେ
ଦରକାର ପଡ଼ି ନଥିବା
ବେଜାଏ ଇଂରାଜି ଶବ୍ଦ ।



ସେମାନେସବୁ ସ୍ତବ୍ଧ ହେଲେ
ଛିଡ଼ା ହେଇଗଲେ କିଛି କ୍ଷଣ
ପରସ୍ପରକୁ ଚାହିଁ ଠୋଠୋ ହସିଲେ
ଫେରି ଚାଲିଯିବା ପରେ
ପରିହାସ ହେଇ କାନ୍ଥରେ ଝୁଲୁଛି
ଏଇ ସେମାନଙ୍କ ହସ ।


କ୍ୟାମ୍ପସ -୯, କିଟ୍
ମୋ -୯୯୩୭୮୪୩୩୬୮


# କଖାରୁ ଡଙ୍କ

**ନୀଳମାଧବ କର**

ଜୀବନକୁ କଣ ନିର୍ଘଣ୍ଟରେ ବାଣ୍ଟି ହୁଏ ଯେ
ଇତିହାସ ପରେ ଗଣିତ ପଢିଲା ପରି
ପଚିଶ ପରେ ଛବିଶ ଆସିବା ପରି
ଥାକ ଥାକ ହେଇ କଣ ସଜେଇ ହୁଏ
ଜୀବନର କଥା ସବୁକୁ

ଚାଳ ଉପରେ କଖାରୁ ଡଙ୍କ ପରି
ଚାରିଆଡ଼େ ମାଡ଼ି ଯାଇଥାଏ
ବିଛେଇ ହେଇ ରହିଥାଏ
ଆଶା, ନିରାଶା
ସମସ୍ୟା ଆଉ ସମାଧାନ
ଲକ୍ଷ୍ୟ ଆଉ କର୍ତ୍ତବ୍ୟର ସୁଅ

ଦାଣ୍ଡର ଆଲୁଅ ଘରେ ପଶେ
ଘରର ଧୂଆଁ ଚାଳ ଡିଏଁ
ସବୁବେଳେ କିଛି ଆସୁଥାଏ, ଯାଉଥାଏ
ତା ଭିତରେ ବଞ୍ଚି ହେଇଯାଉଥାଏ
ଜୀବନର ଦିନସବୁ

ସେଥିରେ କଣ ଯୁ ଥାଏ
ନା' ଇଚ୍ଛା କରି ବଦଳେଇ ହୁଏ ଅବସ୍ଥା
ବୁଲେଇ ହୁଏ ଦିଗସହଜରେ !
ପାଣିର ସୁଅ, ବତାସ ବାଆ
ଘଡ଼ିକର ଉତ୍ତେଜନା, କି ଅବୁଝାପଣ
କେବେ କେବେ ମଙ୍ଗ ମୋଡ଼ି ଦିଏ



ଅଣଦେଖା ଅସ୍ପଷ୍ଟ ଲକ୍ଷ୍ୟ
ମଣିଷ କେବେ ବୁଝେ,
କେବେ ବୁଝି ପାରେନା
କୁଆଡ଼େ ଯାଉଛି, କାହିଁକି ଯାଉଛି
କେଉଁଠିକି ଯିବାକୁ ଥିଲା
ପାଶୋର ଯାଇଥାଏ ଅନେକ ଦିନରୁ
ତଥାପି ନିଶ୍ୱାସ ନେଇହୁଏ
ବଞ୍ଚିହୁଏ ଜୀବନରେ


ଓଲଭରହାମ୍ପଟନ,
ୟୁକେ


# ଆଞ୍ଜୁଳାଏ ଅଭିବ୍ୟକ୍ତି

**ସୁଜିତ୍ କୁମାର ମିଶ୍ର**

**ଶ୍ରାବଣ**

ଶ୍ରାବଣ ବରଷା
ଶେଷ ହୋଇଯାଏ
ସମୟର ଅନ୍ତରାଳେ,
ଅସାଧୁ ନେତାଙ୍କ
ଭାଷଣ ଶ୍ରାବଣ
ବର୍ଷୁଥାଏ ସବୁବେଳେ ।

**ଉଛୁଳା**

କ୍ଷେତକୁ କ୍ଷତାକ୍ତ
କରିଥାଏ ସିନା
ଉଛୁଳା ନଈର ସ୍ରୋତ,
ସ୍ୱାର୍ଥ ଉଛୁଳିଲେ
ମଣିଷ ପଣିଆ
ମୂହୁର୍ତ୍ତକେ କିନ୍ତୁ ହତ ।

**ବିବେକ**

ଜୁଲୁଜୁଲିଆଟି
ରାତିର ଅନ୍ଧାର
ଦୂରାଏ କ୍ଷଣିକ ପାଇଁ,
କପଟୀ ଅନ୍ତରେ
ବିବେକ ସଳିତା
କେବେ ଜଳିପାରେ ନାହିଁ ।

**ଉଣା**

ଝଡିପୋକ ଦେହୁ
ଝଡିଯାଇଥାଏ
କ୍ଷଣିକେ କଅଁଳ ଡେଣା,
ମାନବିକତାର
ଡେଣା ଜଳିଯାଏ
ବିବେକ ହୋଇଲେ ଉଣା ।

**ଭୟ**

ଡେଙ୍ଗୁ ଭୟ ବଢ଼େ
ବେଳୁ ବେଳ ଏଠି
ବ୍ୟାପିଲେ ଏଡିସ୍ ମଶା,
ଭୋକୀ ଭୋକ କିନ୍ତୁ
ତାଠୁ ଭୟଙ୍କର
ନିମିଷେ ନଅଙ୍କ ଦଶା ।






ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨


# ବସନ୍ତ ଅବିର

**ଦେବଯାନୀ ରାୟ**

ମୋ ବାଟ ଶେଷର ଚଇତ୍ରରେ
ମତେ ବିମୋହିତ କରୁଥିବା ଶୃଙ୍ଗାରର ମହକକୁ ଛାତିରେ ଜଡ଼ାଇ
ମୁଁ ଏବେ ବିସ୍ମରିତ ହେବା ଅପେକ୍ଷାରେ ...।

ତେଣୁ ମୋ ଭିତରେ ବ୍ୟାପି ଚାଲିଛ ତମେ
ଗଛର ଚେର ପରି
ମୋ ଆଖିର ଡୋଳା ଲାଗେ ସବୁଜ ସବୁଜ
ହୃଦୟରେ ଚୈତ୍ରମଲ୍ଲୀ ଜାଇଫୁଲର କୋମଳ ଗାନ୍ଧାର
ମିଶିଯାଏ ଜିଭରେ... ମନରେ....
ମହୁ ପରି ।

ଏ ଫଗୁଣ ବଡ଼ ସ୍ୱପ୍ନପ୍ରବଣ
ମନେପକାଇଦିଏ ଅତୀତର କଳରବକୁ
ପବନରେ ଝୁମୁଥିବା ସଙ୍ଗୀତର ମୂର୍ଚ୍ଛନା
ଭରସାରେ ବାନ୍ଧି ରଖିଥିବା ବିଶ୍ୱାସକୁ ।

ମଳୟ ଛାତିରେ ମାଳତୀର ହସ ଘନ ସଘନ
ଗାଢ଼ ହୁଏ ଆଲିଙ୍ଗନ
କୋମଳ ହୃଦୟ, ହୀରା ମୁକୁତାର ଅଙ୍ଗନ୍
ଉନ୍ନିଦ୍ର ସହରରେ ପକ୍ଷୀର ଗୁଞ୍ଜନ ସହ
ଭୋର୍ ସୂର୍ଯ୍ୟଙ୍କ ଗାଢ଼ ଚୁମ୍ବନ

ତୁମେ ଆସିବାର ଖୁସିରେ ସ୍ୱପ୍ନ ଉଡେ
ଡେଣା ଝାଡି





କଳା ମଚମଚ ରାତିର ମସୃଣ ଚଟାଣରେ
ଧ୍ରୁବତାରା ଖସିପଡେ
ମଖମଲ୍ ଗୀତର କୋରସ୍ ପରି
କୋଇଲିର କୁହୁତାନେ ଗୁଞ୍ଜରିତ ହୋଇ ଉଠେ
ଆମ୍ବବଉଳରେ ସୁଗନ୍ଧିତ
ଝଲ୍ ମଲ୍ ତୁମ ଅଙ୍ଗବସ୍ତ୍ରର ଆବରଣ
ଦେହର ଶୋଣିତ ପୁଞ୍ଜରେ ପଞ୍ଚୁବର୍ଣ୍ଣ
ପ୍ରେମ ଭରେ ରସିକ ଫାଲଗୁନ ।

ଶୋଷରେ ତିଆରି
ପ୍ରତିଜ୍ଞା, ପ୍ରତିଶ୍ରୁତି ଓ ସମର୍ପଣ
ନୀଳଆକାଶ ପରି ସତେ କେତେ ଯେ ନିର୍ମଳ
ପାହାନ୍ତି ପ୍ରାର୍ଥନାର ନିରୀହ ସ୍ୱପ୍ନରେ
ତୁମେ ଦିଶ ଉଜ୍ଜ୍ୱଳରୁ ଆହୁରି ଉଜ୍ଜ୍ୱଳ ।

ଜାଣେ, ଏ ଫାଲଗୁନ ଜଣେ ଦ୍ୟୂତକ୍ରୀଡାର ନାୟକ
ଯିଏ ବିଛେଇ ଦେଇଛି ବିଛଣାସାରା ମଳୟର କୁହୁକ
ଦେହର ଅମ୍ଳାନ ଦ୍ୟୁତି
ବସନ୍ତ ମହାରାସର ଚିତ୍ରିତ ରାତି
ଏ ପ୍ରେମ ହିଁ ପ୍ରଣୟର ତାତି
ଅନାବୃତ୍ତ ମୁହୂର୍ତ୍ତର ସମ୍ବଳ
ଯେଉଁ ଆଲିଙ୍ଗନର ସମ୍ମୋହନରେ ଉଚ୍ଚାଟିତ ଏ ଆୟୁଷ
ବନ୍ଧାପଡ଼ିଛି ଚିରକାଳ ।




ଜଟଣୀ, ଖୋର୍ଦ୍ଧା
ମୋ-୯୪୩୭୪୧୩୩୧୪


# ବର୍ଷା ପ୍ରତୀକ୍ଷାରେ

**ସୁଦର୍ଶନ ମହାପାତ୍ର**

ବରଷା ଝରିଲେ ନିଝୁମ ରାତିରେ
ବେଶୀ ବେଶୀ ଏବେ ମନେପଡ ତୁମେ ପ୍ରିୟା
ବେପଥୁ ଜାଗଇ ଦେହମନେ ମୋର
ଅନୁଭବେ ତୁମ ନିବିଡ଼ ଆଶ୍ଳେଷ ଛୁଆଁ ।।

ପାଉଁଜି ପିନ୍ଧି ଏ ବରଷା ନାଚଇ
ମନ ଅଗଣାରେ ଅପୂର୍ବ ବେହାଗ ତୋଳି
ଚୁମି ଯାଏ ଆସି ହୃଦୟକୁ ମୋର
ଶତ ଶିହରଣ ଦେହମନେ ଯାଏ ଖେଳି ।।

ପ୍ରୀତି ପୁଲକରେ କାଲି ଭିଜୁଥିଲି
ଆଜି ଭିଜେ କିନ୍ତୁ ଲୁହର ଧାରା ଶ୍ରାବଣେ
ଓଦା ନହୋଇ ବି ଟୋପାଏ ବର୍ଷାରେ
ଭିଜୁଥାଏ ମୁହିଁ ତୁମରି ସ୍ମୃତି ଚାରଣେ ।।


ଆଜି ଆକାଶରୁ ବାଦଲରୁ ଖଣ୍ଡେ
ମାଖି ହୋଇଥିଲା ତୁମରି ଦେହର ଛାଇ
ମୋ ପାଖକୁ ଆସି ଅଳ୍ପ ଅଳ୍ପ ହସି
କେତେ ମିଠା କଥା ଚୁପି ଚୁପି ଗଲା କହି ।।

ବରଷା ଯେ ଦିନେ ତୁମ ମୋ ଭିତରେ
ଗଢ଼ି ଦେଇଥିଲା ସମ୍ପର୍କରେ ନିବିଡତା

ତୁମେ ନାହଁ ବୋଲି ଜଳେ ଏ ପରାଣ
ଜୀଇଁବାରେ ଆଜି ନାହିଁ ଖୁସି ମାଦକତା ।।

ନିଶି ବିଜନରେ ବର୍ଷା କେବେ ଆସେ
ତୁମରି ପରଶ ଅନୁଭବ ସାଥେ ନେଇ
ସପନ ସାଥିରେ ଖୁସି ମୋ ତୁଟଇ
ତୁମ କଥା ଭାବି ରାତି ମୋର ଯାଏ ପାହି ।।

ଦେଇଥିଲ କଥା ଆସିବ ବୋଲି ତ
ସଦର ଦରଜା କେବେଠୁ ରଖିଛି ଖୋଲି
ଅଧୀରେ ବିଭୋରେ ପ୍ରତୀକ୍ଷିତ ମୁଁ ଯେ
ତୁମରି ସାଥିରେ ବର୍ଷାରେ ଭିଜିବି ବୋଲି ।।




କୁଞ୍ଜବିହାରୀ ଲେନ
କଟକ


# ପାଦକୁ ରାସ୍ତା

ସ୍ନିଗ୍ଧା ପଣ୍ଡା

କହିଥିଲ
ଜହ୍ନ ଦେବି
ତାରା ଦେବି
ପାଟ ଶାଢି ଦେବି
ସୁନାଫୁଲ ଦେବି
ଘରକୁ ନେବି
ଦେବୀ କରି ରଖିବି ।।

ମୁଁ ବି ମୋହାୟିତ ହେଲି
ଶବ୍ଦର ଯାଦୁରେ
ମଦାୟିତ ହେଲି
କାମନା ମଧୁରେ
ଏତେ ସବୁ ପ୍ରାପ୍ତି କେଉଁଠି ସାଇତିବି ?
ସାଇତିବା ବି ଦରକାର କଣ ?
ସବୁ ସଜାଡ଼ି
ଦୁନିଆଁ ଆଗରେ ରଖିବି
ଦେଖ କେମିତି ଝଲମଲ

ପାଟରେ
ସୁନାରେ
ଜହ୍ନରେ
ତାରାରେ
ଉଚ୍ଚ ମଣ୍ଡପରେ।।

ମୋହ ତ ଭୁଲେଇ ଦିଏ ସବୁ
ବୁଡ଼ିଗଲା ପରେ
ବନ୍ଦ ଆଖିକୁ ଆଗ ପଛ ଦିଶେ ନାହିଁ
ହଜିଗଲା ପରେ
ମନ ଭଲ ମନ୍ଦ ବୁଝେ ନାହିଁ
ସେଇ ଦିନରୁ
ସିଂହାସନରେ ବସିଛି



ଓହ୍ଲେଇବା ଜଣା ନାହିଁ
ଚାହେଁ ନାହିଁ
ଖସିପଡିବି କାଳେ
ଅନ୍ଧାର ଚାଲିଆସିବ
ମୁଁ କାହାକୁ ଦିଶିବିନି
କି ମୋର ଏତେ ଦୃଶ୍ୟ
କାହାକୁ ଦେଖାଯିବନି ?

ଡର ମୋର ଆତ୍ମାର ଆଉ ଗୋଟେ ରୂପ
ଏତେ ବେଶି ମହଳଣ
ଲଗେଇଛି ଜିଭରେ ଯେ
ପଚାରି ପାରିଲିନି
ସ୍ୱର୍ଗରେ ବନ୍ଦୀ ହୋଇ ରହିଛି ଯେ

ଭାବି ପାରିଲିନି
ଗୁଣୁଝୁଣୁ ବାଜୁଥିବା ପାଉଁଜି ଦେବ
କହିଥିଲ,
ଦେଲ ବି
ହେଲେ ଦେଲନି ତ ପାଦକୁ ରାସ୍ତା
ଚାଲିଲେ ସିନା ଶୁଭିବ ସମସ୍ତଙ୍କୁ
ନ ହେଲେ ପାଦ ହଲେଇ
ଦେଖଉଥିବି ପାଉଁଜି
ଶୁଣଉ ଥିବି ଗୀତ
ରୂପ ବି ସୁନ୍ଦର, ଗୀତ ବି ସୁନ୍ଦର
କିନ୍ତୁ ସେଇଠି



ଯୋଉଠି ତମେ ବସେଇ ଦେଇଛ
ସିଂହାସନରେ, ଉପରେ ?


ମୋ-୯୮୬୧୩୨୩୬୫୦

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨ ଅଗଷ୍ଟ, ଶୁକ୍ରବାର, ୨୦୨୪


# ୫୦ ମିଟର ରାଇଫଲରେ ବ୍ରୋଞ୍ଜ ଜିତିଲେ ସ୍ୱପ୍ନିଲ କୁଶାଲେ

**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରୁ ଭାରତକୁ ମିଳିଛି ଆଉ ଏକ ପଦକ। ୫୦ ମିଟର ରାଇଫଲ ଥ୍ରୀ ପୋଜିସନ ଫାଇନାଲ ମୁକାବିଲାରେ ବ୍ରୋଞ୍ଜ ଜିତିଛି। ଭାରତୀୟ ସୁଟର ସ୍ୱପ୍ନିଲ କୁଶାଲେ ଏହି ବିଜୟ ଭେଟି ଦେଇଛନ୍ତି।

ଏହି ବିଜୟ ସହ ବର୍ତ୍ତମାନ ଭାରତର ପଦକ ସଂଖ୍ୟା ୩ରେ ପହଞ୍ଚିଛି। ପୂର୍ବରୁ ମଧ୍ୟ ଭାରତକୁ ଦୁଇଟି ବ୍ରୋଞ୍ଜ ମିଳିଥିଲା। ୧୦ ମିଟର ଏୟାର ପିସ୍ତଲ ମହିଳା ବର୍ଗରେ ମନୁ ଭାକର ପ୍ରଥମ ବ୍ରୋଞ୍ଜ ଭେଟି ଦେଇଥିଲେ। ଏହାପରେ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ଭାରତକୁ ବ୍ରୋଞ୍ଜ



ମିଳିଥିଲା। ମିକ୍ସଡ ଇଭେଣ୍ଟରେ ମଧ୍ୟ ମନୁ ଭାକର ସାମିଲ ଥିଲେ। ସେ ଓ ସରବଜୋତ ସିଂହ ମିକ୍ସଡ ଇଭେଣ୍ଟରେ ବ୍ରୋଞ୍ଜ ବିଜୟୀ ହୋଇଥିଲେ।

ବର୍ତ୍ତମାନ ସୁଦ୍ଧା କେବଳ ସୁଟିଂରେ ମେଡାଲ ଆସି ଥିବାବେଳେ ଅନ୍ୟ ଇଭେଣ୍ଟ ଉପରେ ନଜର ରହିଛି।

## ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଭାରତୀୟ ସୁଟର ସ୍ୱପ୍ନିଲ କୁସାଲେଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଇଭେଣ୍ଟରେ ଭାରତ ପ୍ରଥମ ଥର ପାଇଁ ଅଲିମ୍ପିକ ପଦକ ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ଲେଖିଛନ୍ତି ଯେ, ସ୍ୱପ୍ନିଲ କୁସାଲେଙ୍କ ଚମତ୍କାର ପ୍ରଦର୍ଶନ ରହିଛି। ପ୍ୟାରିସ୍ ଅଲିମ୍ପିକ୍ସରେ ପୁରୁଷ ୫୦ ମିଟର ଥ୍ରୀ ପୋଜିସନ୍‌ରେ ବ୍ରୋଞ୍ଜ ପଦକ ଜିତିଥିବାରୁ ଆପଣଙ୍କୁ ଅନେକ ଅନେକ ଅଭିନନ୍ଦନ। ତାଙ୍କର ପ୍ରଦର୍ଶନ ବିଶେଷ, କାରଣ ସେ ଅଧିକ ନମନୀୟତା ଏବଂ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଏହା ବ୍ୟତୀତ ସେ ହେଉଛନ୍ତି ପ୍ରଥମ ଭାରତୀୟ ଆଥଲେଟ୍ ଯିଏକି ଏହି ବର୍ଗରେ ପଦକ ଜିତିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଏଥିରେ ସମସ୍ତ ଭାରତୀୟ ବହୁତ ଖୁସି ଅଛନ୍ତି।

## ଧୋନିଙ୍କ ଯୋଗୁ ଅଲିମ୍ପିକ୍ସରେ ପଦକ ଜିତିଲେ ସ୍ୱପ୍ନିଲ

**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତର ତୃତୀୟ ପଦକ ଜିତିଥିବା ସ୍ୱପ୍ନିଲ କୁସାଲେଙ୍କ ନାମ ବର୍ତ୍ତମାନ ସମସ୍ତଙ୍କ ମୁହଁରେ ଅଛି। ମହାରାଷ୍ଟ୍ରର ସ୍ୱପ୍ନିଲ ୫୦ ମିଟର ରାଇଫଲ ଥ୍ରୀ ପୋଜିସନରେ ବ୍ରୋଞ୍ଜ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସ୍ୱପ୍ନିଲ କହିଛନ୍ତି ଯେ ଏହି ପଦକ ଜିତିବାରେ ଏମଏସ ଧୋନି ତାଙ୍କୁ ସାହାଯ୍ୟ କରିଛନ୍ତି।

ଆଜି ସ୍ୱପ୍ନିଲ କୁସାଲେ, ଯିଏ ନିଜେ ଅନେକ ଯୁବକଙ୍କ ପାଇଁ ଏକ ଉଦାହରଣ ପାଲଟିଛନ୍ତି, ସେ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କଠାରୁ ପ୍ରେରଣା ନେଇଛନ୍ତି। ହଁ, ସେ ମାହିଙ୍କର ଜଣେ ବଡ଼ ପ୍ରଶଂସକ। ସେ କହିଛନ୍ତି ଯେ ସୁଟିଂରେ ଭଲ ପ୍ରଦର୍ଶନ କରିବାକୁ ଧୋନିଙ୍କଠାରୁ ତାଙ୍କୁ ପ୍ରେରଣା ମିଳିଛି। କୁସାଲେ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ ସେ ସୁଟିଂରେ କୌଣସି ନିର୍ଦ୍ଦିଷ୍ଟ ଖେଳାଳିଙ୍କଠାରୁ ମାର୍ଗଦର୍ଶନ ଗ୍ରହଣ କରନ୍ତି ନାହିଁ।

ଧୋନି ତାଙ୍କର ପ୍ରିୟ। ମାହି କଠିନ ପରିସ୍ଥିତିରେ ମଧ୍ୟ ଶାନ୍ତ ରୁହନ୍ତି ଏବଂ କୁସାଲେ ନିଜ ଭିତରେ ଏହି ଗୁଣ ଗ୍ରହଣ କରିଥିଲେ। ସ୍ୱପ୍ନିଲ କହିଛନ୍ତି ଯେ ସୁଟିଂ ସମୟରେ ଶାନ୍ତ ରହିବା ଜରୁରୀ ଅଟେ ଏବଂ ସେ ଧୋନିଙ୍କ ଏହି ଗୁଣକୁ ବହୁତ ପ୍ରଶଂସା କରୁଛନ୍ତି। କେବଳ ଏତିକି ନୁହେଁ, ଧୋନି ଏବଂ ସ୍ୱପ୍ନିଲଙ୍କ ମଧ୍ୟରେ ଆଉ ଏକ ସମ୍ପର୍କ ଅଛି। ଯେହେତୁ ସମସ୍ତେ ଜାଣନ୍ତି ଯେ କ୍ରିକେଟର ହେବା ପୂର୍ବରୁ ମାହି ରେଳବାଇରେ ଟିସି ଭାବରେ କାମ କରିଥିଲେ। ସ୍ୱପ୍ନିଲ ମଧ୍ୟ କେନ୍ଦ୍ରୀୟ ରେଳବାଇର ଜଣେ ଟିସି ଅଟନ୍ତି।

ସ୍ୱପ୍ନିଲ କୁସାଲେଙ୍କୁ ସବୁ ସ୍ଥାନରେ ପ୍ରଶଂସା କରାଯାଉଛି। ହେଲେ ତାଙ୍କ କାହାଣୀ ବେଶ୍ ସଂଘର୍ଷପୂର୍ଣ୍ଣ। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ସେ ୧୨ ବର୍ଷ ଅପେକ୍ଷା କରିଥିଲେ। ସେ ୨୦୧୨ରୁ ବୃତ୍ତିଗତ ଭାବେ ସୁଟିଂ କରୁଛନ୍ତି, କିନ୍ତୁ ଗତ ୨ଟି ଅଲିମ୍ପିକ୍ସରେ ଯୋଗ୍ୟତା ଅର୍ଜନ କରିପାରି ନଥିଲେ। କିନ୍ତୁ ସ୍ୱପ୍ନିଲ ହାର ମାନିନଥିଲେ ଏବଂ ସମଗ୍ର ଦେଶ ଯାହା ପାଇଁ ଗର୍ବିତ ତାହା କରିଥିଲେ। ଅଲିମ୍ପିକ୍ସରେ ପଦକ ଜିତିବାର ଏହି ଯାତ୍ରା ତାଙ୍କ ପାଇଁ କଦାପି ସହଜ ନଥିଲା। ସେ ଗତ ୧୦-୧୨ ବର୍ଷ ଧରି ଅଧିକାଂଶ ସମୟ ଘରୁ ବାହାରେ ଥିଲେ। ବ୍ରୋଞ୍ଜ ପଦକ ଜିତିଥିବା ସ୍ୱପ୍ନିଲଙ୍କ ପିତା ଏକ ସାକ୍ଷାତକାରରେ କହିଛନ୍ତି ଯେ ପଦକ ଜିତିବା ବା ମ୍ୟାଚ୍ ପୂର୍ବରୁ ପରିବାରରୁ କେହି ତାଙ୍କ ସହ କଥା ହୋଇନଥିଲେ।

## ସ୍ୱପ୍ନିଲଙ୍କ ପାଇଁ ୧ କୋଟି ଟଙ୍କା ପୁରସ୍କାର ଘୋଷଣା କଲେ ମୁଖ୍ୟମନ୍ତ୍ରୀ ଶିନ୍ଦେ

**ମୁମ୍ବାଇ**



ସ୍ୱପ୍ନିଲ କୁସାଲେଙ୍କୁ ଏକ କୋଟି ଟଙ୍କା ଦେବାକୁ ଘୋଷଣା କରିଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ। ଏଥିସହିତ ମୁଖ୍ୟମନ୍ତ୍ରୀ ସ୍ୱପ୍ନିଲଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ପରିବାର ଏବଂ ତାଙ୍କ ପ୍ରଶିକ୍ଷକଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ଏହା ଆମର ମହାରାଷ୍ଟ୍ରର ଗର୍ବ। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ଶିନ୍ଦେ କହିଥିଲେ ଯେ କୋଲହାପୁରର ବାସିନ୍ଦା ସ୍ୱପ୍ନିଲ କୁସାଲେ ନିଶ୍ଚିତ ଭାବରେ ସରକାରଙ୍କଠାରୁ ଆବଶ୍ୟକ ସହାୟତା ପାଇବେ। ଏବେ ମୁଖ୍ୟମନ୍ତ୍ରୀ ତାଙ୍କୁ ୧ କୋଟି ଟଙ୍କା ଦେବାକୁ ଘୋଷଣା କରିଛନ୍ତି।

## ପ୍ୟାରିସ୍ ଅଲିମ୍ପିକ୍ସ ହକି

## ଭାରତର ବିଜୟ ଧାରାରେ ରୋକ ଲଗାଇଲା ବେଲଜିୟମ୍



**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ହକି ଟିମ୍‌ର ବିଜୟ ଧାରାରେ ବ୍ରେକ୍ ଲଗାଇଛି ବେଲଜିୟମ। ପୁଲ ବି ମ୍ୟାଚ୍‌ରେ ବେଲଜିୟମ୍ ୨-୧ ଗୋଲ ଆଗରେ ରହି ଭାରତର ବିଜୟ ଧାରାକୁ ରୋକିଛି।

ପ୍ରଥମ କ୍ୱାର୍ଟରରେ କୌଣସି ଟିମ୍ ଗୋଲ କରି ପାରିନଥିଲେ ମଧ୍ୟ ଦ୍ୱିତୀୟ କ୍ୱାର୍ଟରରେ ଅଭିଷେକ ପ୍ରଥମ ଗୋଲ ଦେଇ ଭାରତର ଅଭିଯାନ ଆରମ୍ଭ କରିଥିଲେ। କିନ୍ତୁ ବେଲଜିୟମ୍ ପକ୍ଷରୁ ଥିବେୟୁ ଷ୍ଟକବ୍ରୋଏକ୍ସ ଏବଂ ଜନ୍ ଡହ୍ମ୍ୟାନ ତୃତୀୟ କ୍ୱାର୍ଟରରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି କମ୍ ବ୍ୟାକ୍ କରିଥିଲେ।

ବେଲଜିୟମ୍‌ର ଏହି କମ୍ ବ୍ୟାକ୍ ଶେଷ ପର୍ଯ୍ୟନ୍ତ ବଜାୟ ରହିଥିଲା। ଭାରତ ପରବର୍ତ୍ତୀ ଦୁଇଟି କ୍ୱାର୍ଟରରେ ଗୋଟିଏ ବି ଗୋଲ କରିପାରିନଥିଲା। ଫଳରେ ଏହି ମ୍ୟାଚ୍‌କୁ ୨-୧ରେ ଜିତି ନେଇଥିଲା ବେଲଜିୟମ୍। ଏହି ମ୍ୟାଚ୍ ପର୍ଯ୍ୟନ୍ତ ଭାରତ ଅପରାଜିତ ରହିଥିଲା। ନ୍ୟୁଜିଲାଣ୍ଡ ଏବଂ ଆୟରଲ୍ୟାଣ୍ଡ ବିପକ୍ଷରେ ଜିତିଥିବା ବେଳେ ଆର୍ଜେଣ୍ଟିନା ବିପକ୍ଷରେ ୧-୧ରେ ମ୍ୟାଚକୁ ଡ୍ର' ରଖିଥିଲା। କିନ୍ତୁ ଶକ୍ତିଶାଳୀ ବେଲଜିୟମ୍ ବିପକ୍ଷରେ ପ୍ରାରମ୍ଭିକ ଅଗ୍ରଣୀ ରହିବା ସତ୍ତ୍ୱେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ତେବେ ୩ଟି ମ୍ୟାଚ୍ ଜିତି ବେଲଜିୟମ୍ ପୁଲ୍ ବିରେ ଶୀର୍ଷରେ ଥିବାବେଳେ ଭାରତୀୟ ଟିମ୍ ଦ୍ୱିତୀୟ ସ୍ଥାନରେ ରହିଛି। ଫାଇନାଲ ଗ୍ରୁପ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସହ ଭାରତର ମୁକାବିଲା ହେବ।

# କିମ୍ବଦନ୍ତୀ କ୍ରିକେଟର ଅଂଶୁମାନ ଗାଏକ୍ୱାଡ୍‌ଙ୍କ ପରଲୋକ

**ନୂଆଦିଲ୍ଲୀ**

ଆଖି ବୁଜିଲେ କିମ୍ବଦନ୍ତୀ କ୍ରିକେଟର ଅଂଶୁମାନ ଗାଏକ୍ୱାଡ ୭୧ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ଅନେକ ଦିନ ଧରି ସେ ରକ୍ତ କର୍କଟ ରୋଗରେ ପୀଡ଼ିତ ଥିଲେ।

ଲଣ୍ଡନର କିଙ୍ଗ୍‌ସ କଲେଜ ହସ୍ପିଟାଲରେ ଚିକିତ୍ସା ପରେ ଗତ ମାସରେ ସେ ଭାରତ ଫେରିଥିଲେ। ଏମିତିକି ତାଙ୍କ ଚିକିତ୍ସା ପାଇଁ ବିସିସିଆଇ ପକ୍ଷରୁ ମଧ୍ୟ ୧ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା।




୧୯୮୩ ଦିନିକିଆ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ହେଉଛନ୍ତି ଗାଏକ୍ୱାଡ ୧୯୭୫ ମସିହାଠାରୁ ୧୯୮୭ ମସିହା ପର୍ଯ୍ୟନ୍ତ ସେ ୪୦ ଟେଷ୍ଟ, ୧୫ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ସେ ୧୯୭୫ ଓ ୧୯୭୯ ମସିହାରେ ଅନୁଷ୍ଠିତ ବିଶ୍ୱକପ୍ ଭାରତୀୟ ଦଳର ସଦସ୍ୟ ଭାବେ ମଧ୍ୟ ଖେଳିଥିଲେ।

୧୯୯୭ ମସିହାରେ ତାଙ୍କୁ ଭାରତୀୟ ଦଳର ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। ତାଙ୍କ ସମୟରେ ପୂର୍ବତନ କ୍ରିକେଟର ଅନୀଲ କୁମ୍ବଲେ ପାକିସ୍ତାନ ବିପକ୍ଷରେ ଗୋଟିଏ ପାଳିରେ ସମସ୍ତ ୱିକେଟ ଅକ୍ତିଆର କରି ଚର୍ଚ୍ଚାକୁ ଆସିଥିଲେ। ଗାଏକ୍ୱାଡ଼ଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିସିସିଆଇ ସମ୍ପାଦକ ଜୟ ଶାହ ଓ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ଅଲିମ୍ପିକ୍‌ରେ ମେଡ଼ାଲ ଜିତିବା ଖୁସିରେ ଡେଇଁଲେ ଖେଳାଳି, ଭାଙ୍ଗିଗଲା କାନ୍ଧ ହାଡ଼

**ପ୍ୟାରିସ୍**

ପ୍ୟାରିସ୍‌ରେ ଜାରି ରହିଛି କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ। ଏଥିରେ ବିଭିନ୍ନ ଦେଶର ପ୍ରତିଯୋଗୀ ଭାଗ ନେଇ ବିଭିନ୍ନ କ୍ରୀଡ଼ାରେ ନିଜ ନିଜର ଦମ୍‌ଦାର ପ୍ରଦର୍ଶନ ଦେଖାଉଛନ୍ତି। ଆଉ ଜିତିଛନ୍ତୁ ମେଡାଲ ଉପରେ ମେଡାଲ। ନିକଟରେ ଜଣେ ଖେଳାଳି ଅଲିମ୍ପିକ୍‌ରେ ମେଡାଲ ଜିତିବା ପରେ ଖୁସିରେ ଡେଁଇ ପଡିଥିଲେ। ଏଭଳି ଡେଇଁଲେ ଯେ, ତାଙ୍କ କାନ୍ଧ ହାଡ଼ ଭାଙ୍ଗି ଯାଇଛି। ମାଲଡୋଭାର ଜୁଡ଼ୋ ଖେଳାଳି ଆଦିଲ ଓସ୍ମାନୋଭା। ସେ ପୁରୁଷ ୭୩ କିଲୋଗ୍ରାମ କ୍ୟାଟେଗୋରୀରେ ବ୍ରୋଞ୍ଜ ମେଡାଲ



ଜିତିଛନ୍ତି। ସେ ଇଟାଲୀର ମାନୁଏଲ ଲୋମ୍ବାର୍ଡୋଙ୍କୁ ପରାସ୍ତ କରି ଏହି ପଦକ ହାତେଇଛନ୍ତି। ଏହାପରେ ତାଙ୍କ ଖୁସିର ଠିକଣା ରହି ନଥିଲା। ସେ ଖୁସିରେ ଡେଇଁବାକୁ ଲାଗିବା ବେଳେ ତାଙ୍କ କାନ୍ଧ ହାଡ଼ ଭାଙ୍ଗିଯାଇଛି। ସେ ଗୁରୁତର ଆହତ ହୋଇଛନ୍ତି। ଏହାପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ କାନ୍ଧର ସର୍ଜରୀ କରାଯାଇଛି।

ଆଦିଲ ଓସ୍ମାନୋଭା କହିଛନ୍ତି, ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ତାଙ୍କୁ କାନ୍ଧରେ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦିଆଯାଇଥିଲା ଏବଂ ମ୍ୟାଚ୍ ପୂର୍ବରୁ ସେ ଅସୁସ୍ଥ ହୋଇପଡିଥିଲେ। ସେ କହିଛନ୍ତି ଯେ, 'ହଁ, ଏହା ବହୁତ କଷ୍ଟସାଧ୍ୟ ଥିଲା ଏବଂ ୱାର୍ମଅପ୍ ସମୟରେ ମୁଁ ଖରାପ ଅନୁଭବ କରିଥିଲି, କିନ୍ତୁ ଏହା ମୋ ସହିତ ପୂର୍ବରୁ ଘଟିଛି ଏବଂ ତାପରେ ମଧ୍ୟ ମୁଁ ପଦକ ପାଇଛି। ମ୍ୟାଚ୍‌ରୁ ଓହରିଯିବାର ମୋ ପାଖରେ କୌଣସି ବିକଳ୍ପ ନଥିଲା।'

# ଆୟକର ଦାଖଲରୁ ବଞ୍ଚିତ ଶିକ୍ଷକ/ଶିକ୍ଷୟତ୍ରୀ ଆଇନର ଆଶ୍ରୟ ନେବେ

**କୋରାପୁଟ, ନ୍ୟୁଜ୍**

ପ୍ରତିବର୍ଷ ଆୟକର ଦାଖଲର ଅବଧି ବା ସମୟସୀମା ସମୟରେ ପଟାଂଗି ବ୍ଲକର ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ହାଇରାଣ କରାଯାଉଛି। ପଟାଂଗି ବ୍ଲକ ଶିକ୍ଷାଧିକାରୀ ଏବଂ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କ ଖାମଖିଆଲି ମନଭାବ ଯୋଗୁଁ ପ୍ରତିବର୍ଷ ଆୟକର ଦାଖଲ ସମୟରେ ଶିକ୍ଷକ ଶିକ୍ଷୟତ୍ରୀମାନେ ନାନା ହଇରାଣ ହେଉଛନ୍ତି। ଏପରିକି ଚଳିତ ବର୍ଷ ଏହା ସୀମା ଟପି ଯାଇଛି। ଠିକ୍ ସମୟରେ ଟିଡିଏସ୍ ପୈଠ କରା ନ ଯିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଯାହାକୁ ନେଇ ବ୍ଲକ୍‌ର ଶିକ୍ଷକ/ଶିକ୍ଷୟତ୍ରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରଛନ୍ତି। ବାରମ୍ବାର ଏପରି ହେଉଥିବାରୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଦୋଷି ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଯଦି ଶିକ୍ଷକ/ଶିକ୍ଷୟତ୍ରୀମାନଙ୍କୁ ବିଳମ୍ବ ଦେୟ ପ୍ରଦାନ କରିବାକୁ ପଡେ ତେବେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବେ ବୋଲି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସୂଚନା ଦିଆ ଯାଇଛି। ପଟାଂଗି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜନୈକ କର୍ମଚାରୀ ବ୍ୟାପକ ଦୁର୍ନୀତିରେ ଲିପ୍ତ ରହିବା ସହ ଠିକ୍ ରୂପେ କାର୍ଯ୍ୟ ନିର୍ବାହ କରୁ ନ ସତ୍ତ୍ୱେ ବ୍ଲକ ଶିକ୍ଷାଧିକାରୀ ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଯୋଗୁଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟ ପ୍ରତି ସନ୍ଦେହ ସୃଷ୍ଟି କରିଛି। ଏପରିକି କରାଣୀଙ୍କ ବିରୁଦ୍ଧରେ ପଟାଂଗି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ ଏ ଦିଗରେ ତଦନ୍ତ କରି କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଆୟକର ବାବଦକୁ ପ୍ରତିମାସରେ ଶିକ୍ଷକ/ଶିକ୍ଷୟତ୍ରୀମାନଙ୍କ ଠାରୁ ଏକ ଧାର୍ଯ୍ୟ ଦେୟ ଦରମାରୁ କଟାଯାଇଥାଏ। ବର୍ଷ ଶେଷରେ ବଳକା ଦେୟ ମଧ୍ୟ ଦରମାରୁ କଟାଯାଏ। ଆୟକର ବାବଦକୁ କଟାଯାଉଥିବା ଦେୟ (ଟିଡିଏସ) ଠିକ ସମୟରେ ପୈଠ କରିବା କଥା। କିନ୍ତୁ ପଟାଂଗି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରତିବର୍ଷ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବିଳମ୍ବରେ ଟିଡିଏସ ପୈଠ କଲେ ମଧ୍ୟ ଆୟକର ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉଛି କି ନାହିଁ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯାହା ଫଳରେ ପ୍ରତି ବର୍ଷ ଏହିଭଳି ସମସ୍ୟାର ସମ୍ମୁଖିନ ହେଉଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ଚଳିତ ବର୍ଷ ଜୁଲାଇ ମାସ ୩୧ ତାରିଖ ଆୟକର ଦାଖଲ ର ଶେଷ ତାରିଖ ଥିଲେ ମଧ୍ୟ ଟିଡିଏସ ଫରମାଟ /୨୬ଏସ ଫର୍ମ କିମ୍ବା ଏଆଇଏସ ରେ କିଛି ବି ତଥ୍ୟ ଉପଲବ୍ଧି ନ ଥିବାରୁ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଆୟକର ଦାଖଲ କରି ପାରିଲେ ନାହିଁ। ଏ ନେଇ ପ୍ରାଥମିକ ଶିକ୍ଷକ ସଂଘ ଉଦବେଗ ପ୍ରକାଶ କରିବା ସହ ଆୟକର ବିଭାଗ ତରଫରୁ ଆର୍ଥିକ ଦଣ୍ଡ ପଡିଲେ ଆଇନ ର ଆଶ୍ରୟ ନେବେ ବୋଲି ଶିକ୍ଷକ/ଶିକ୍ଷୟତ୍ରୀ ମାନେ ସଂଘକୁ ଅବଗତ କରାଇଥିବା ସଂଘ ସୂଚନା ଦେଇଛି। ଏପରି ଗର୍ହିତ କାର୍ଯ୍ୟରେ ଲିପ୍ତ କର୍ମଚାରୀ ଓ ଅଧିକାରିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

## ଭାରତ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ଶ୍ରୀଲଙ୍କାକୁ ବଡ଼ ଝଟ୍‌କା

**କଲମ୍ବୋ**

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ। ଏହାର ଠିକ୍ ପୂର୍ବରୁ ଶ୍ରୀଲଙ୍କାକୁ ଏକ ବଡ଼ ଝଟ୍‌କା ଲାଗିଛି। ଆହତ କାରଣରୁ ଦଳର ଦୁଇଜଣ ଭେଟେରାନ ଖେଳାଳି ଦଳରୁ ବାଦ୍ ପଡିଛନ୍ତି। ମାଥିଶା ପାଥିରାନା ଏବଂ ଦିଲଶାନ ମଦୁଶଙ୍କା ଭାରତ ବିପକ୍ଷ ଦିନିକିଆ ସିରିଜ୍‌ରେ ଖେଳି ପାରିବେ ନାହିଁ। ଶ୍ରୀଲଙ୍କା ଏହି ଦୁଇଜଣଙ୍କ ସ୍ଥାନରେ ମହମ୍ମଦ ଶିରାଜ ଏବଂ ଇଶାନ ମାଲିଙ୍ଗାଙ୍କୁ ଦଳରେ ନେଇଛି। ଏହା ସହିତ ଦଳ ଆଉ ତିନି ଖେଳାଳିଙ୍କୁ ଷ୍ଟାଣ୍ଡବାଇ ଭାବେ ରଖିଛି।

ଭାରତ ବିପକ୍ଷ ଟି-୨୦ ସିରିଜରେ ଶ୍ରୀଲଙ୍କାକୁ ୩-୦ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା। ଏବେ ଶ୍ରୀଲଙ୍କା ଦିନିକିଆ ସିରିଜ୍ ପାଇଁ ପ୍ରସ୍ତୁତ ଅଛନ୍ତି। ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

# ୨୦୨୫ ଆର୍ଥିକ ବର୍ଷ ବଜେଟ୍‌ରେ କୃଷିର ପୁନର୍ଜାଗରଣ



ନବୀନ ପି ସିଂହ
କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ନୂଆଦିଲ୍ଲୀର କୃଷି ମୂଲ୍ୟ ଓ ଦର କମିଶନ (ସିଏସିପି)ର ଜଣେ ସଦସ୍ୟ ଅଧିକାରୀ

କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ର ନିମନ୍ତେ ୨୦୨୫ ଆର୍ଥିକ ବର୍ଷର ବଜେଟ୍‌ରେ ପ୍ରାୟ ୧.୫୨ ଲକ୍ଷ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ଭାରତୀୟ କୃଷିମାନଙ୍କ ସମୃଦ୍ଧିକୁ ପୁନର୍ଜାଗରିତ କରିବା ସକାଶେ ବର୍ଷ ବର୍ଷ ଧରି ପ୍ରୟାସ ଜାରି ରହିଛି ଏବଂ ଏଥି ନିମନ୍ତେ ବିଭିନ୍ନ ପ୍ରକାର ଉପାର୍ଜନ ସହାୟକ ବ୍ୟବସ୍ଥାମାନ ଗ୍ରହଣ କରାଯାଇ ଆସୁଛି। ସେହିଭଳି ପ୍ରତିବର୍ଷ ବଜେଟ୍‌ରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ବଜେଟ୍‌ରେ ଅର୍ଥ ପରିମାଣରେ ବୃଦ୍ଧି ଘଟି ଚାଲିଛି ଓ ଏହି କ୍ଷେତ୍ରରେ ପ୍ରଯୁକ୍ତିଗତ ଉନ୍ନତିକୁ ପ୍ରୋତ୍ସାହିତ କରିବା ଲାଗି ପ୍ରୟାସ ଜାରି ରହିଛି।

**ଜରୁରୀ ଆବଶ୍ୟକତା :** ପ୍ରଥମତଃ, ଗତ କିଛି ବର୍ଷ ଧରି, ଖାଦ୍ୟଶସ୍ୟ ସଂଗ୍ରହକୁ ମୂଲ୍ୟଯୁକ୍ତ ସମର୍ଥନ ଯୋଗାଇ ଦେବା କୃଷି ଉତ୍ପାଦିତ ସାମଗ୍ରୀ ଉପରେ ସହାୟକ ମୂଲ୍ୟବୃଦ୍ଧିକୁ ସୁନିଶ୍ଚିତ କରିବା ସରକାରଙ୍କ ମୁଖ୍ୟ ଆଭିମୁଖ୍ୟ ପାଲଟିଛି। ୨୦୨୫ ଆର୍ଥିକ ବର୍ଷର ବଜେଟ୍‌ରେ ପିଏମ୍ ଆଶା (ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ) ଅଧୀନରେ ଆବଣ୍ଟିତ ରାଶିକୁ ୨.୨ ହଜାର କୋଟିରୁ ୬.୪ ହଜାର କୋଟିକୁ ବୃଦ୍ଧି କରାଯାଇଛି। ଏହା କୃଷକମାନଙ୍କୁ ମୂଲ୍ୟଗତ ସମର୍ଥନ ଦେବା ନିମନ୍ତେ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରେ ଏବଂ ତାହା ଖାଦ୍ୟଶସ୍ୟ ନଷ୍ଟକୁ ହ୍ରାସ କରିବା ସହିତ ବଜାର ଉପରେ ବ୍ୟବସାୟୀଙ୍କ ଦ୍ୱାରା ପଡୁଥିବା ଅସ୍ୱାଭାବିକ ପ୍ରଭାବକୁ ମଧ୍ୟ ନିୟନ୍ତ୍ରିତ କରିପାରିବ। ଏହାତିରିକ୍ତ, କେନ୍ଦ୍ର ସରକାରଙ୍କ ଫ୍ଲାଗସିପ୍ ଯୋଜନା ଏଆଇଡିଏଫ (କୃଷି ସଂସାଧନ ବିକାଶ ପାଣ୍ଠି) ବ୍ୟାପକ ବ୍ୟବସ୍ଥା ଯଥା ଶସ୍ୟ ବୀମା, ସୁଧ ଛାଡ଼ ଓ ଆରକେଭିୱାଇ ଭଳି ବ୍ୟବସ୍ଥା ଗୁଡ଼ିକ ଚଳିତ ବର୍ଷ ବଜେଟରେ ୧୦ରୁ ୧୫ ପ୍ରତିଶତ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇପାରିବ।

ଦ୍ୱିତୀୟତଃ, ମହିଳାମାନେ କୃଷି ଶ୍ରମ ଶକ୍ତିର ପ୍ରାୟ ୩୦ ପ୍ରତିଶତ ଭାବେ ରହିଆସିଛନ୍ତି ଏବଂ ୮୦ ପ୍ରତିଶତରୁ ଅଧିକ ଆର୍ଥିକ ଦୃଷ୍ଟିରୁ ସକ୍ରିୟ ମହିଳା କୃଷି କ୍ଷେତ୍ରରେ ନିୟୋଜିତ ଅଛନ୍ତି। ତେବେ ସେମାନେ ନିଜର ପୁରୁଷ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ମାତ୍ର ୨୦-୩୦ ପ୍ରତିଶତ ମାତ୍ର ଉପାର୍ଜନ କରିଥାନ୍ତି। ପୁନଶ୍ଚ, ସେମାନଙ୍କ ମଧ୍ୟରୁ ମାତ୍ର ୬ ପ୍ରତିଶତ ମହିଳାଙ୍କର ଆନୁଷ୍ଠାନିକ ଋଣ ପର୍ଯ୍ୟନ୍ତ ପହଞ୍ଚ ରହିଛି। ସେମାନଙ୍କର ଉପାର୍ଜନର ବିବିଧିକରଣ ଏବଂ ସେମାନଙ୍କ ପର୍ଯ୍ୟାପ୍ତ ମାତ୍ରାରେ ଏହିସବୁ କାର୍ଯ୍ୟରେ ଅଂଶଗ୍ରହଣ କରାଇବା ସକାଶେ, ୨୦୨୫ ଆର୍ଥିକ ବର୍ଷର ବଜେଟ୍‌ରେ ୫୦୦କୋଟି ଟଙ୍କାର ପ୍ରାବଧାନ କରାଯାଇଛି ଯାହାକି 'ନମୋ ଡ୍ରୋନ୍ ଦିଦି' ଯୋଜନା ଅଧୀନରେ ପ୍ରାୟ ୧୫,୦୦୦ ମହିଳାଙ୍କୁ ଡ୍ରୋନ୍ ଯୋଗାଇଦେବ। ଏହା ଗ୍ରାମାଞ୍ଚଳର ମହିଳାମାନଙ୍କୁ କୃଷିକ୍ଷେତ୍ରରେ ବ୍ୟାପକ ମାତ୍ରାରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କର ଆର୍ଥିକ ସ୍ଥିତିକୁ ମଧ୍ୟ ସୁଦୃଢ଼ କରିବ।

ତୃତୀୟତଃ, କୃଷି ଗବେଷଣାର ବ୍ୟାପକ ସମୀକ୍ଷା କରାଯାଇଛି ଏବଂ ୨୦୨୫ ବର୍ଷର ବଜେଟ୍‌ରେ ଏଥି ନିମନ୍ତେ ସର୍ବାଧିକ ଆବଶ୍ୟକ ବ୍ୟବସ୍ଥାମାନ ପ୍ରବର୍ତ୍ତନ କରାଯାଇଛି। ସମ୍ପ୍ରତି, ସର୍ବୋଚ୍ଚ ସଂସ୍ଥା ଆଇସିଏଆର ଏବଂ ଏହା ଅଧୀନର ଥିବା ଅନୁଷ୍ଠାନଗୁଡ଼ିକ, ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ (ଏସଏୟୁ)ମାନଙ୍କ ସହିତ ମିଶି କୃଷି କ୍ଷେତ୍ର ଉପରେ ନିଜର ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଏହି ପ୍ରାଧାନ୍ୟ ବିସ୍ତାରର ସାମୂହିକ ଭାବେ ବାସ୍ତବ ଗବେଷଣାତ୍ମକ ସମସ୍ୟାବଳୀର ସମାଧାନ କରିବା ଏବଂ ସେଥିପାଇଁ ଉପଯୁକ୍ତ ସମାଧାନ ପନ୍ଥା ବାହାର କରିବାରେ ସୀମିତ ପ୍ରଭାବ ରହିଛି ବୋଲି ସମୟାନ୍ତରେ ପ୍ରଶ୍ନ କରାଯାଇଥାଏ। ଏକ ଦଶନ୍ଧି ପୂର୍ବେ, ବିଶ୍ୱ ବ୍ୟାଙ୍କ୍ ଏହି ପରିପ୍ରେକ୍ଷୀରେ ମନ୍ତବ୍ୟ ପ୍ରଦାନ କରିଥିଲା ଯେ, 'ଗବେଷଣା ଏବଂ ଏହାର ସମ୍ପ୍ରସାରଣ କିମ୍ବା ସେହିସବୁ ସେବା ଓ ଘରୋଇ କ୍ଷେତ୍ରମାନଙ୍କ ମଧ୍ୟରେ କ୍ୱଚିତ୍ ସମ୍ପର୍କ ରହିଛି'। ତେଣୁ ଅଧୁନା ସମସ୍ୟା- ଭିତ୍ତିକ ଫଳପ୍ରସୂ ବ୍ୟବସ୍ଥା (ସିବିଆରଏସ) ମାଧ୍ୟମରେ ଘରୋଇ ସଂସ୍ଥାମାନଙ୍କୁ ସରକାରୀ ସଂସ୍ଥାଗୁଡ଼ିକ ସହିତ ସଂଶ୍ଳିଷ୍ଟ କରାଇ, କୃଷି ଗବେଷଣା ଓ ବିକାଶ କ୍ଷେତ୍ରରେ ଘରୋଇ ନିବେଶକୁ ପ୍ରୋତ୍ସାହିତ କରାଯାଇପାରିବ। ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ପ୍ରମୁଖ କାରକ ହେବା ସତ୍ତ୍ୱେ, ଭାରତ କୃଷି ଗବେଷଣା ଓ ବିକାଶ ଏବଂ କୃଷି ଜିଡିପି କ୍ଷେତ୍ରରେ ନିବେଶ ଦୃଷ୍ଟିରୁ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି ଏବଂ ୨୦୨୫ ଆର୍ଥିକ ବର୍ଷ ବଜେଟରେ ଏଥିପାଇଁ ଅର୍ଥ ପ୍ରାବଧାନ କରାଯାଇଛି ଯାହାକି 'ଡେୟାର' (କୃଷି ଗବେଷଣା ଓ ଶିକ୍ଷା ବିଭାଗ)ପାଇଁ ପ୍ରାବଧାନ କରାଯାଇଛି। ଜିଏସ୍‌ଟି ପରିଷଦ ଆଧାରିତ ଏକ ସ୍ୱାଧୀନ କେନ୍ଦ୍ରୀୟ ସଂସ୍ଥା ଅବା ସଂଗଠନ (କୃଷି ବିକାଶ ପରିଷଦ) ଏଥିରେ ସକ୍ରିୟ ସମାଯୋଜନ ନିମନ୍ତେ ଏକାନ୍ତ ଜରୁରୀ ଯାହାକି ଦେଶର କୃଷକମାନେ ସମ୍ମୁଖୀନ ହେଉଥିବା ଦୈନନ୍ଦିନ ସମସ୍ୟାବଳୀର ବାସ୍ତବ ସମାଧାନ ପନ୍ଥାର ପ୍ରସାରଣ ଏବଂ ମନିଟରିଂ କରିପାରିବ।

ଚତୁର୍ଥରେ, କୃଷି ଉତ୍ପାଦନ ବୃଦ୍ଧି କରିବା ସହିତ ସମ୍ବଳର ସକ୍ରିୟ ଉପଯୋଗ କରିବା ଉପରେ ମଧ୍ୟ ପ୍ରାଧାନ୍ୟ ଆରୋପ କରାଯିବା ଆବଶ୍ୟକ। ଦେଶର ୪୫ ପ୍ରତିଶତ ଚାଷଯୋଗ୍ୟ ଜମି ମାତ୍ର ୮୪ ପ୍ରତିଶତ ଜଳ ବିନିଯୋଗ କରିଥାଏ ଏବଂ ସେଥିରୁ ତିନିଗୋଟି ଅଧିକ ମାତ୍ରାରେ ଜଳ ଉପଯୋଗକ୍ଷମ ଚାଷ ଯଥା ଆଖୁ, ଧାନ ଓ ଗହମ ଉତ୍ପାଦନ କରାଯାଇଥାଏ। ଏହି ତିନୋଟି ଚାଷ ମୋଟ ଉପଲବ୍ଧ ଜଳ ପରିମାଣର ୮୦ ପ୍ରତିଶତ ଆହରଣ କରିଥାଏ। ସୂଚନାଯୋଗ୍ୟ ଯେ ଗତ ଦଶନ୍ଧିରେ ଭାରତର କୃଷି ଉତ୍ପାଦିକା ହାର ଚୀନ୍, ଆମେରିକା ଓ ବ୍ରାଜିଲ୍ ଠାରୁ ସୁଦ୍ଧା ଦ୍ରୁତତର ରହିଛି। ତେଣୁ ଉଦ୍‌ବୃତ୍ତ ଉତ୍ପାଦନକୁ ଉପଲବ୍ଧ ସାଧନ ମଧ୍ୟରେ ସକ୍ରିୟ ଓ ସଫଳ ପରିଚାଳନା କରିବା ଯଦ୍ୱାରା ଉତ୍ପାଦନ ଲାଭରୁ ସୁଫଳ ପ୍ରାପ୍ତ ହୋଇପାରିବ। ଏହି ପରିପ୍ରେକ୍ଷୀରେ ଜଳବାୟୁ ପରିବର୍ତ୍ତନ ଜନିତ ବିପଦ ଆଶଙ୍କା ଏବଂ ପାଣିପାଗର ତୀବ୍ରତା ବୃଦ୍ଧି ଯୋଗୁ ଆମକୁ ଜଳବାୟୁ ପରିବର୍ତ୍ତନ ସହନଶୀଳ କିଷମର ଶସ୍ୟ (ସିଆରସିଭି)ର ବିକାଶ ଘଟାଇବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି। ଏହା ଫଳରେ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ ହେବା ସହିତ ପୌଷ୍ଟିକ ନିରାପତ୍ତାକୁ ମଧ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧି ସହିତ ସମତାଳରେ ବଜାୟ ରଖାଯାଇପାରିବ। ଜଳବାୟୁ ସହନଶୀଳ କ୍ଲଷ୍ଟର (ସିଆରସି) ଆଭିମୁଖ୍ୟ, ଯାହାକି କେଭିକେ ଢାଞ୍ଚା ମଧ୍ୟରେ କାର୍ଯ୍ୟକାରୀ କରାଯିବ ତାହା ସିଆରସିଭି ପଦ୍ଧତି ଆପଣାଇବା ଓ ଏହାକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଅତ୍ୟାବଶ୍ୟକ ପନ୍ଥା। ଏହାତିରିକ୍ତ, ଶସ୍ୟ ଉତ୍ପାଦିକାରେ ପୋଷଣୀୟତା ବୃଦ୍ଧି ଘଟାଯିବା ମଧ୍ୟ ଅନୁରୂପ ଭାବରେ ଜରୁରି। କାରଣ ପୋଷଣୀୟ ବିକାଶ ଲକ୍ଷ୍ୟ (ଏସଡିଜି)ର ମୋଟ୍ ୧୭ଗୋଟି ଲକ୍ଷ୍ୟ ମଧ୍ୟରୁ ୧୧ଟି ଲକ୍ଷ୍ୟ କୃଷି ଓ ତତ୍ ସମ୍ପର୍କୀତ କ୍ଷେତ୍ରର କାର୍ଯ୍ୟକାରୀତା ସହିତ ପ୍ରତ୍ୟକ୍ଷ ଭାବରେ ଜଡ଼ିତ।

ପଞ୍ଚମତଃ, ଜୈବ- ଇନ୍‌ପୁଟ୍ ସମ୍ପଦ କେନ୍ଦ୍ର (ବିଆଇଆରସି) ସ୍ଥାପନ ନିମନ୍ତେ ବଜେଟରେ ଥିବା ପ୍ରସ୍ତାବ କୃଷିକ୍ଷେତରରେ ଜୈବ ଇନ୍‌ପୁଟ୍ ବ୍ୟବହାର ମାତ୍ରାକୁ ଯଥେଷ୍ଟ ମାତ୍ରାରେ ବୃଦ୍ଧି କରିବ ଯଦ୍ୱାରା ସବ୍‌ସିଡ଼ି ଇନ୍‌ପୁଟ୍ ଉପରେ ନିର୍ଭରଶୀଳତା ହ୍ରାସ କରିବ। ପୁନଃସଂସ୍ଥାପନ, ସଚେତନତା ସୃଷ୍ଟି, ପୌଷ୍ଟିକତା ଓ ଧରିତ୍ରୀ ମାତାର ସୁଧାର କାର୍ଯ୍ୟକ୍ରମ (ପିଏମ୍-ପ୍ରଣାମ) ରାଜ୍ୟମାନଙ୍କୁ ସେମାନଙ୍କର ରାସାୟନିକ ସାର ବ୍ୟବହାର ହ୍ରାସ କରିବା ନିମନ୍ତେ ପ୍ରୋତ୍ସାହିତ କରିବ। ତେବେ ଏଭଳି ପରିବର୍ତ୍ତନକୁ ଗ୍ରହଣ କରିବା ଏବଂ ବିଆଇଆରସିକୁ ଆହରଣ କରିବା କୃଷିକ୍ଷେତ୍ର ସ୍ତରରେ ଅଧିକ ଇନ୍‌ପୁଟ୍ ଯୋଗାଇବ ଏବଂ ସେଥିପାଇଁ ପିଏମ-ପ୍ରଣାମ ଏକ ନିର୍ଦ୍ଦିଷ୍ଟ ପ୍ରୋତ୍ସାହକ ବ୍ୟବସ୍ଥା ରୂପେ କାର୍ଯ୍ୟ କରିବ ଏବଂ ଏହାକୁ ଏଫପିଓ ଓ ସମବାୟ ସଂସ୍ଥାମାନେ ଯେପରି ସମର୍ଥନ ଜଣାଇବେ ସେ ଦିଗରେ ମଧ୍ୟ ବିଚାର କରାଯିବା ଆବଶ୍ୟକ। ଏହା ବ୍ୟତୀତ, ପ୍ରାଣୀସମ୍ପଦ ନିମନ୍ତେ ଖାଦ୍ୟ ସଂଗ୍ରହକୁ ମଧ୍ୟ ବିଆଇଆରସିର କାର୍ଯ୍ୟ ପରିସର ମଧ୍ୟରେ ସାମିଲ କରାଯିବା ଉଚିତ।

ଷଷ୍ଠରେ, ୨୦୨୩-୨୪ ମସିହାରେ ଖାଦ୍ୟ ମୁଦ୍ରାସ୍ଫୀତିର ଏକ- ତୃତୀୟାଂଶ କେବଳ ପନିପରିବା ଯୋଗୁ ହିଁ ଘଟିଥିଲା ଏବଂ ଏହାର ମୂଲ୍ୟ ସେହି ସମୟରେ ୨୯.୩ ପ୍ରତିଶତ ବୃଦ୍ଧି ପାଇଥିଲା। ତେଣୁ ପନିପରିବା ଯୋଗାଣ ଶିକୁଳିକୁ ପ୍ରୋତ୍ସାହିତ କରିବା ଏବଂ ଏହାର ପ୍ରମୁଖ ଉତ୍ପାଦନକୁ ଚିହ୍ନଟ କରିବା ତଥା ଉପଭୋକ୍ତା କେନ୍ଦ୍ରମାନ ସ୍ଥାପନ କରିବମା ମଧ୍ୟ ସମ୍ପ୍ରତି ବୃଦ୍ଧି ପାଉଥିବା ପନିପରିବା ମୂଲ୍ୟବୃଦ୍ଧି ଦୃଷ୍ଟିକୋଣରୁ ଏକାନ୍ତ ଆବଶ୍ୟକ। ୨୦୨୫ ମସିହାର ବଜେଟରେ ଏହି ଆଭିମୁଖ୍ୟ ଆପଣାଯାଇଛି ଏବଂ ତାହା ଉପଭୋକ୍ତାମାନଙ୍କର ତାତ୍କାଳିକ ଆୟ ସଞ୍ଚୟ କରିବା ସହିତ ଉତ୍ପାଦକ ମାନଙ୍କର ଉପଭୁକ୍ତି ଅର୍ଥକୁ ସମର୍ଥନ ଯୋଗାଇପାରିବ। ଏଭଳି ବିନିର୍ଦ୍ଦିଷ୍ଟ ମିଶ୍ରଣ ପୁଞ୍ଜି ସମର୍ଥନ ବ୍ୟବସ୍ଥା ୨୦୨୫ ଆର୍ଥିକ ବର୍ଷ ବଜେଟରେ ୬୨.୫ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି ଯାହାକି ଷ୍ଟାର୍ଟ ଅପ୍ ଏବଂ ଗ୍ରାମୀଣ ଉଦ୍ୟୋଗୀ ଯେଉଁମାନେ କୃଷି ଉତ୍ପାଦନ ମୂଲ୍ୟ ଚେନ୍ ସହିତ ଜଡ଼ିତ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବ।

**ଆବଶ୍ୟକ ସଂଯୋଗ ସୂତ୍ର :** ପ୍ରଥମତଃ, ଭାରତର କୃଷି ଏବଂ ଅନ୍ୟାନ୍ୟ ସହଯୋଗୀ କ୍ଷେତ୍ରରେ ଘଟୁଥିବା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ବିଚାର ପୂର୍ବକ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଉପାର୍ଜନ ବୃଦ୍ଧି ଦିଗରେ ପଦକ୍ଷେପ ଗ୍ରହଣ ଏକାନ୍ତ ଜରୁରି ମନେହୁଏ। ୨୦୨୪ ବର୍ଷର ବଜେଟରେ ସେହିସବୁ ବ୍ୟବସ୍ଥା ଗ୍ରହଣ କରାଯିବାର ଆବଶ୍ୟକତା ଥିଲା। କାରଣ ନିକଟ ଭବିଷ୍ୟତରେ ତାହା ଚାହିଦା ଏବଂ ଆର୍ଥିକ ବିକାଶର ବେଗକୁ ପୁନଃର୍ଜାଗରିତ କରିବ।

ଦ୍ୱିତୀୟତଃ, ସାମ୍ପ୍ରତିକ ସମର୍ଥନ ବ୍ୟବସ୍ଥା ଯାହାକି ଶସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ତାହା ସାଧନ ଉପରେ ନିରବଚ୍ଛିନ୍ନ ଭାବରେ ଚାପ ପକାଇଚାଲିଛି ଏବଂ ତାହା କୃଷକମାନଙ୍କ ନିମନ୍ତେ ଜଳବାୟୁ ଆପଦା ଆଶଙ୍କା ମଧ୍ୟ ବୃଦ୍ଧି କରିଛି। ତେଣୁ କୃଷି-ଜଳବାୟୁ ଜୋନ୍ (ଏଇଜେଡ) ଓ ଆଞ୍ଚଳିକ କୃଷି ଯୋଜନା ପରିକଳ୍ପନାକୁ ପୁଣି ଥରେ ଫେରିବା ଉଚିତ। ଏହି ଆଭିମୁଖ୍ୟ ଉଲ୍ଲେଖନୀୟ ଭାବରେ ଉତ୍ପାଦନ ଧାରାକୁ ପ୍ରଭାବିତ ଓ ସମନ୍ୱିତ କରିବ ଏବଂ ବିଭିନ୍ନ କ୍ଷେତ୍ରରେ କୃଷି କାର୍ଯ୍ୟକୁ ମଧ୍ୟ ସମାଯୋଜନ କରିବ।

ତୃତୀୟତଃ, କୃଷି ଉତ୍ପାଦନ ନିମନ୍ତେ ଉପଯୁକ୍ତ ମୂଲ୍ୟ ସୁନିଶ୍ଚିତ କରିବା ହେଉଛି ବଜାର ସଂସ୍କାର ପାଇଁ ଅତ୍ୟାବଶ୍ୟକ। ୧୫ଶ ଅର୍ଥ କମିଶନ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ସୁପାରିଶ କରିଥିଲେ କାରଣ ଏହା କୃଷି ବଜାରଣ ବ୍ୟବସ୍ଥାକୁ ରାଜ୍ୟମାନଙ୍କରେ ଆଧୁନିକୀକରଣ କରିବା ଦିଗରେ ପ୍ରୋତ୍ସାହନ ଯୋଗାଇବ। ତେଣୁ, ରାଜ୍ୟମାନେ ବଜାର ବ୍ୟବସ୍ଥାର ଆଧୁନିକୀକରଣ କରିବାର ପ୍ରୟାସ ଆଧାରରେ ଏଭଳି ସୂଚକାଂକର ବିକାଶ ଏବଂ ଏକ ଢାଞ୍ଚା ଜରିଆରେ ଏହାକୁ ମନିଟର କରିବା ନିମନ୍ତେ ପ୍ରସ୍ତାବ ରଖାଯାଇଛି ଯାହାକି ସମନ୍ୱିତ କୃଷି ବିପଣନ ଯୋଜନା (ଆଇଏସଏମଏମ)ର କୃଷି ସଂସାଧନ ପାଣ୍ଠି (ଏଆଇଏଫ) ଅଧୀନରେ ସଂଯୋଗ କରାଯାଇଛି।

୨୦୨୫ ଆର୍ଥିକ ବର୍ଷର ବଜେଟରେ ରଖାଯାଇଥିବା ବ୍ୟବସ୍ଥା ଏବଂ ପ୍ରସ୍ତାବିତ ପଦକ୍ଷେପମାନ କୃଷି ସକ୍ରିୟତା ଓ ସହନଶୀଳତା ବୃଦ୍ଧି ଦିଗରେ ଗୁରୁତ୍ୱପୂର୍ଣ୍ଣ ଉପକ୍ରମ। କିନ୍ତୁ ଗବେଷଣା ଓ ବିକାଶ ବ୍ୟୟରେ ନବସୃଜନର ପ୍ରତିଫଳନ ଦୃଷ୍ଟିରୁ ପର୍ଯ୍ୟାପ୍ତ ନହୋଇପାରେ। ଜଳବାୟୁ ପରିବର୍ତ୍ତନର ପ୍ରଭାବ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଉପରେ ବ୍ୟାପକ ପ୍ରଭାବ ପକାଇବା ଆଶଙ୍କାକୁ ସ୍ୱୀକାର ପୂର୍ବକ, ବଜେଟରେ ଏହିସବୁ ଜରୁରୀ ଆବଶ୍ୟକତାର ସମାଧାନ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଏହିସବୁ ପ୍ରମୁଖ କ୍ଷେତ୍ର ଉପରେ ପ୍ରାଧାନ୍ୟ ଆରୋପ କରି, ଭାରତ ସକ୍ରିୟତାର ସହିତ ତା'ର କୃଷିକ୍ଷେତ୍ରରେ ସଂସ୍କାର ଏବଂ ସୁରକ୍ଷିତ ଦୀର୍ଘସ୍ଥାୟୀ ବିକାଶ ଓ ପୋଷଣୀୟତା ପାଇଁ ପଦକ୍ଷେପ ଗ୍ରହଣ କରିଛି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୨ ଅଗଷ୍ଟ ୨୦୨୪ ଶୁକ୍ରବାର







ଭୁବନେଶ୍ୱର : ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ପ୍ରମୁଖ ବୈଜ୍ଞାନିକ ତଥା ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍‌ର ଅଧକ୍ଷା ଡ. ସୌମ୍ୟା ସ୍ୱାମୀନାଥନ। (ଫଟୋ : ସମ୍ବାଦ କଳିକା)

# ନନ୍ଦନକାନନକୁ ଜଗିବେ ଓଡିଶା ଶିଳ୍ପ ସୁରକ୍ଷା ବାହିନୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏଣିକି ନନ୍ଦନକାନନର ସୁରକ୍ଷା ଦାୟିତ୍ୱ ନେଇଛି ଓଆଇଏସଏଫ ବା ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ରାଜ୍ୟ ବଟାନିକାଲ ଗାର୍ଡେନର ସୁରକ୍ଷାକୁ ମଜବୁତ କରିବା ପାଇଁ ଓଆଇଏସଏଫର ଏକ ପ୍ଲାଟୁନ୍ ଯବାନ ନିୟୋଜିତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଜଣେ ଇନ୍‌ସପେକ୍ଟର, ୪ ଜଣ ସବ୍ ଇନ୍‌ସପେକ୍ଟର ଏବଂ ୩୦ କନଷ୍ଟେବଲଙ୍କ ସହିତ ଏହା ଏକ ୩୫ ଜଣିଆ ଟିମ୍। ୩୦ ଜୁଲାଇରେ ନନ୍ଦନକାନନ ଏବଂ ଓଆଇଏସଏଫ ମଧ୍ୟରେ ଗୋଟିଏ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଗୁରୁବାର ଠାରୁ ଏହି ଫୋର୍ସ ଅନ୍ତର୍ଭୁକ୍ତ କରାଯାଇଛି। ଉଲ୍ଲେଖ ଥାଉ କି ଗତ ଏପ୍ରିଲରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଦୁର୍ବୃତ୍ତଙ୍କ ଗୁଣ୍ଡାରାଜ ଦେଖିବାକୁ ମିଳିଥିଲା। ଦୁଇ ଦୁର୍ବୃତ୍ତ ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପଶି ଖଣ୍ଡାମୁନରେ ଭୟ ଓ ଆତଙ୍କ ସୃଷ୍ଟି କରିବା ସହ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏଥିସହ ସେମାନେ ଉପନିର୍ଦ୍ଦେଶକଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ । ତେବେ ଖୋଦ୍ ସରକାରୀ କାର୍ଯ୍ୟାଳୟରେ ପଶି ଦୁର୍ବୃତ୍ତ ଏପରି କାଣ୍ଡ ଘଟାଇଥିଲେ ହେଁ ନିକଟରେ ଥିବା ନନ୍ଦନକାନନ ଥାନା ପୁଲିସ ଟେର ପାଇନଥିଲା। ସେହି ସମୟରେ ନନ୍ଦନକାନନ ଥାନା ପୁଲିସକୁ ଫୋନ କରାଯାଇଥିଲା। ମାତ୍ର ପୁଲିସ ପିସିଆର ଭ୍ୟାନ ପ୍ରାଣୀଉଦ୍ୟାନ ଫାଟକ ବାହାରେ କିଛି ସମୟ ଧରି ଛିଡ଼ା ହୋଇ ଦେଖଣାହାରୀ ସାଜିଥିଲା। ଏହି ଘଟଣା ପରେ ପୁଲିସ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ତରଫରୁ ପଶ୍ଚିମ ଓଡ଼ିଶାରେ ୩୫୪୦ ବୃକ୍ଷରୋପଣ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ 'ଏକ ପେଡ ମା କେ ନାମ' ଅଭିଯାନ କ୍ରମେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଦ୍ୱାରା ପଶ୍ଚିମ ଓଡ଼ିଶାର ବିଭିନ୍ନ ଓଡ଼ିଶା ଆଦର୍ଶ ବିଦ୍ୟାଳୟମାନଙ୍କରେ ଗୁରୁବାର ଦିନ ୩୫୪୦ଟି ବିଭିନ୍ନ କିସମର ଚାରାଗଛ ରୋପଣ କରାଯାଇଛି। ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଓ କୁଚିଣ୍ଡା, ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ ଓ କଣ୍ଟାବାଞ୍ଜି, ବରଗଡ ଜିଲ୍ଲାର ବରଗଡ ଓ ବରପାଲି ତଥା ଦେବଗଡ ଜିଲ୍ଲାର ବାରକୋଟ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମାନଙ୍କରେ ଏହି କାର୍ଯ୍ୟକ୍ରମ ଏକକାଳୀନ ଅନୁଷ୍ଠିତ ହୋଇଯାଇଛି । ଷ୍ଟେଟ ବ୍ୟାଙ୍କ ସମ୍ବଲପୁର ଅଞ୍ଚଳର ଉପ ମହାପ୍ରବନ୍ଧକ (ବ୍ୟବସାୟ ଓ ପରିଚାଳନା) ସଞ୍ଜୟ କୁମାର ଝା ଓ କ୍ଷେତ୍ରୀୟ ପ୍ରବନ୍ଧକ ମାନସ କୁମାର ପ୍ରଧାନ ରେଙ୍ଗାଲି ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଚାରାରୋପଣ କରିଥିଲେ। ସେହିପରି କ୍ଷେତ୍ରୀୟ ପ୍ରବନ୍ଧକ ବରଗଡ ମଧୁସୂଦନ ରଥ ସ୍ଥାନୀୟ ବରଗଡ ଆଦର୍ଶ ବିଦ୍ୟାଳୟରେ ଓ କ୍ଷେତ୍ରୀୟ ପ୍ରବନ୍ଧକ ବଲାଙ୍ଗୀର ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ କୁର୍ସୁଡ ଟିଟିଲାଗଡ଼ ଆଦର୍ଶ ବିଦ୍ୟାଳୟ ଠାରେ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଭାରତୀୟ ଷ୍ଟେଟ ବ୍ୟାଙ୍କର କୋର୍ପୋରେଟ ସାମାଜିକ ଦାୟିତ୍ୱ ପାଳନ ଅନୁକ୍ରମେ ଓ ସାର୍କ ସମ୍ବଲପୁର ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗରେ ଏହି ବୃକ୍ଷ୍ୟରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ୩୩ ଥର ଛୁରୀ ଭୁସି ହତ୍ୟା କରିଥିବା ସ୍ୱାମୀକୁ ଫାଶୀ ଦଣ୍ଡାଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପତ୍ନୀହନ୍ତା ସ୍ୱାମୀଙ୍କୁ ଫାଶୀ ଦଣ୍ଡାଦେଶ। ଘାଟିକିଆରେ ସ୍ତ୍ରୀକୁ ୩୩ ଥର ଛୁରୀ ଭୁସି ହତ୍ୟା କରିଥିଲା ଅଭିଯୁକ୍ତ ସଞ୍ଜିତ ଦାସ । ୨୦୨୨ ଜୁନ ୯ ତାରିଖରେ ଭରତପୁର ଥାନା ଅନ୍ତର୍ଗତ ଘାଟିକିଆରେ ସ୍ତ୍ରୀ ସରସ୍ୱତୀ ଦାଶଙ୍କୁ ବୀଭତ୍ସ ଭାବେ ହତ୍ୟା କରିଥିଲା ସଞ୍ଜିତ। ସ୍ତ୍ରୀକୁ ୩୩ ଥର ଛୁରୀ ଭୁସିବା ସହ ୬ ବର୍ଷୀୟ ଝିଅର ତଣ୍ଟି କାଟି ଦେଇଥିଲା ରାକ୍ଷସ ବାପା । ଝିଅ ସୁସ୍ଥ ହେବାକୁ ଲାଗିଥିଲା ୩ ମାସ ସମୟ । ମାମଲାର ବିଚାର କରି ଅଭିଯୁକ୍ତକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି ଅଦାଲତ । ୧୫ ଜଣ ସାକ୍ଷୀ, ସାଇଣ୍ଟିଫିକ ଏଭିଡ଼େନ୍ସ, ଫିଙ୍ଗର ପ୍ରିଣ୍ଟ ଓ ୧୮ଟି ଡକ୍ୟୁମେଣ୍ଟ ଆଧାରରେ ଏହି ଦଣ୍ଡବିଧାନ ହୋଇଛି । ଅଭିଯୁକ୍ତର ଝିଅ, ମାଆ ଓ ଭାଉଜ ଏହି ଲୋମ-ହର୍ଷଣକାରୀ କାହାଣୀ ବଖାଣିବା ପରେ ରାୟ ଶୁଣାଇଛନ୍ତି ଅଦାଲତ। ହତ୍ୟାକାଣ୍ଡ ପରେ ପୋଲିସ ଦେଇଥିବା ସୂଚନା ଅନୁସାରେ, ନିଶା ପାଇଁ ନାରକୀୟ କାଣ୍ଡ ଘଟଣାଥିଲା ସଞ୍ଜିତ। ମୃତ ସରସ୍ୱତୀ ପେଶାରେ ଜଣେ ନର୍ସ ଥିଲେ। ଏପଟେ ଅଭିଯୁକ୍ତ ସଞ୍ଜିତ ବେରୋଜଗାର ଥିଲା । ଜମି ବିକି ନିଶା ସେବନ କରୁଥିଲା ସଞ୍ଜିତ। କୋଟି କୋଟି ଟଙ୍କା ନିଶା ଖାଇବାରେ ଖର୍ଚ୍ଚ କରୁଥିବାରୁ ପରିବାର ଚଳାଉଥିଲେ ସରସ୍ୱତୀ। ନିଶା ସେବନ ଫଳରେ ପ୍ରତିଦିନ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା । ମଦ ପିଇ ସ୍ତ୍ରୀଙ୍କୁ ମାରଧର କରୁଥିଲା ସଞ୍ଜିତ। ଘଟଣା ଦିନ ରାତି ସାଢ଼େ ଦୁଇଟା ରାତିରେ ପତିପତ୍ନୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ରାଗରେ ସ୍ତ୍ରୀକୁ ରାତି ସାଢ଼େ ୩ଟାରେ ୩୩ ଥର ଛୁରୀ ଭୁସି ହତ୍ୟା କରିଥିଲା ସଞ୍ଜିତ। ସକାଳ ୭ଟାରେ ବଡ଼ ଝିଅ ଉଠି ମାଆକୁ ଖୋଜିବା ପରେ ତାକୁ ବି ଆକ୍ରମଣ କରିଥିଲା ସଇତାନ। ସକାଳେ ଝିଅକୁ ଆକ୍ରମଣ କରି ରୁମରେ ବନ୍ଦ କରି ପଳାଇଥିଲା ସଞ୍ଜିତ। ହତ୍ୟା କରିବା ପରେ ମଦ ଦୋକାନରୁ ମଦ କିଣି ପିଇଥିଲା। ପରେ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ । ରକ୍ତ ଲଗା ଛୁରୀ ଓ ଗାମୁଛା ଜବତ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା ।

# ପଶ୍ଚିମବଙ୍ଗ ବଦଳରେ ଉତ୍ତରପ୍ରଦେଶରୁ ଆସିବ ଆଳୁ : ଖାଦ୍ୟଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଆଳୁ ସଙ୍କଟର ସମାଧାନ ପାଇଁ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏଣିକି ଉତ୍ତରପ୍ରଦେଶରୁ ଓଡ଼ିଶାକୁ ଆଳୁ ଆଣିବା ବ୍ୟବସ୍ଥା କରାଯିବ । ଏ ସଂକ୍ରାନ୍ତରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ବିଭାଗୀୟ ବରିଷ୍ଠ ଅଧିକାରୀ, ଓଡ଼ିଶା ବ୍ୟବସାୟୀ ସଂଘର ସାଧାରଣ ସଂପାଦକ ସୁଧାକର ପଣ୍ଡା ଏବଂ ବିଭିନ୍ନ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଲେ ଯେ ଆଳୁକୁ ନେଇ ପଶ୍ଚିମବଙ୍ଗ ସରକାର ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି କରିବା ସହ ମନମୁଖୀ କାର୍ଯ୍ୟ ପ୍ରତିବାଦରେ ଏଣିକି ଉତ୍ତରପ୍ରଦେଶରୁ ରାଜ୍ୟକୁ ଆଳୁ ଆଣିବାର ନିଷ୍ପତ୍ତି ନିଆଯାଇଛି । ଆଜି ସେଠାରୁ କିଛି ଟ୍ରକ୍ ଭର୍ତ୍ତି ଆଳୁ ଆସି ରାଜ୍ୟରେ ପହଞ୍ଚିଛି ଏବଂ ଆଗାମୀ ଦିନରେ ଅଧିକ ସଂଖ୍ୟକ ଗାଡ଼ି ଆସିବ। ଏହା ଦ୍ୱାରା ଧୀରେ ଧୀରେ ପଶ୍ଚିମବଙ୍ଗ ଉପରେ ଆଳୁକୁ ନେଇ ନିର୍ଭରଶୀଳତା ହ୍ରାସ ପାଇବ । ଏଥି ନିମନ୍ତେ ଉତ୍ତରପ୍ରଦେଶ ସରକାର ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ମନ୍ତ୍ରୀ କହିଛନ୍ତି । ଏଥିସହ ରାଜ୍ୟର ଏକ ପ୍ରତିନିଧି ମଣ୍ଡଳୀ ଖୁବଶୀଘ୍ର ଉତ୍ତରପ୍ରଦେଶ ଗସ୍ତ କରିବ । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶାର ଅସ୍ମିତା ରକ୍ଷା ସହ ପଡ଼ୋଶୀ ରାଜ୍ୟ ଉପରେ ଆଳୁ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ଆଳୁ ସହ ଅନ୍ୟାନ୍ୟ ସାମଗ୍ରୀ ଉତ୍ପାଦନ ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଓଡ଼ିଶା ବ୍ୟବସାୟୀ ଏବଂ ବିଭିନ୍ନ ସଂଘର ଅନୁରୋଧକୁ ରକ୍ଷା କରି ଉତ୍ତରପ୍ରଦେଶରୁ ଆଳୁ ଆଣିବା ପାଇଁ ସରକାର ପଦକ୍ଷେପ ନେଇଥିବା ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।



# ଲିଜ୍ ହୋଲ୍ଡ ଜମିକୁ ଫ୍ରି ହୋଲ୍ଡ କରିବା ନେଇ ସରକାରଙ୍କୁ ନିବେଦନ ଜଣାଇଲା ବରିଷ୍ଠ ନାଗରିକ ବିକାଶ ପରିଷଦ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଞ୍ଚଳରେ ୧୯୮୭ ମସିହାରୁ ରାଜ୍ୟ ସରକାରଙ୍କ ଓଡ଼ିଶା ହାଉସିଂ ବୋର୍ଡ଼ / ବିଡିଏ ଦ୍ୱାରା ଲିଜ୍ ସୂତ୍ରରେ ବାସପୋଯୋଗୀ ଜମି ପାଇଥିବା ହିତାଧିକାରୀମାନଙ୍କର ଜମିକୁ ଏଯାବତ୍ ଲିଜ୍ ହୋଲ୍ଡରୁ ଫ୍ରିହୋଲ୍ଡ କରାଯାଇ ପାରିନାହିଁ। କେବଳ ଚନ୍ଦ୍ରଶେଖରପୁର ଅଞ୍ଚଳ ନୁହେଁ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଏପରି ଜମି ପାଇଥିବା ହିତାଧିକାରୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏ ସମ୍ପର୍କରେ ବରିଷ୍ଠ ନାଗରିକ ବିକାଶ ପରିଷଦର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ବରିଷ୍ଠ ଆଇଏଏସ୍ ଅଫିସର ପ୍ରମୋଦ କୁମାର ପଟ୍ଟନାୟକ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀ ପଟ୍ଟନାୟକ ଚନ୍ଦ୍ରଶେଖରପୁର ଆବାସିକ ଅଞ୍ଚଳରେ ରହୁଥିବା ହଜାର ହଜାର ସଂଖ୍ୟାରେ ବରିଷ୍ଠ ନାଗରିକମାନଙ୍କର ଏଭଳି ସମସ୍ୟାର ଯଥାଶୀଘ୍ର ସମାଧାନ ଦିଗରେ ରାଜ୍ୟସରକାର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଜଣାଇଛନ୍ତି ଏବଂ ସେମାନେ ପାଇଥିବା ଲିଜ୍ ହୋଲ୍ଡ ଜମିକୁ ଫ୍ରି ହୋଲ୍ଡ ରୂପାନ୍ତର ସ୍କିମ୍‌ର ପୁନର୍ବିଚାର କରିବା ପାଇଁ ମଧ୍ୟ ନିବେଦନ କରିଛନ୍ତି। ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ପତ୍ରର ନକଲ ଭୁବନେଶ୍ୱର ଉତ୍ତର, ମଧ୍ୟ ଓ ଏକାମ୍ର ବିଧାୟକ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ପଠାଇ ଏ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ଜଣାଇଛନ୍ତି।

ସବୁଠାରେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଜମିର ସମ୍ପୂର୍ଣ୍ଣ ତଥା ଚୂଡ଼ାନ୍ତ ମୂଲ୍ୟ ପଇଠ ପରେ ସେମାନଙ୍କ ନାମରେ ଜମି ଆବଣ୍ଟନ କରାଯାଇଥିଲା। ଜମି ପାଇଥିବା ଗ୍ରହୀତାମାନେ ସେମାନଙ୍କ ନାମରେ ଆରଓଆର ସଂଶୋଧନ କରିବା ସହ ଭୁବନେଶ୍ୱର ତହସିଲରେ ଜମି ପାଇଁ ଭଡ଼ା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ୨୦୨୩ରେ ଓଡ଼ିଶା ସରକାର ଜମି ସମାଧାନ (ଦ୍ୱିତୀୟ ସଂଶୋଧନ) ନିୟମ ପ୍ରସ୍ତୁତ କଲେ। ଏହାର ଉଦ୍ଦେଶ୍ୟ ହେଲା ଲିଜ୍ ହୋଲ୍ଡରୁ ଫ୍ରି ହୋଲ୍ଡ ସ୍ଥିତିକୁ ରୂପାନ୍ତର କରିବା। ଜମିର ବେଞ୍ଚମାର୍କର ୩ ପ୍ରତିଶତ କନ୍‌ଭର୍ସନ ଫି' ଆଦାୟ ପରେ ସେମାନଙ୍କୁ ଜମିର ଅନୁମତି ଦେବା। ହେଲେ ଏହା ଯୋଗୁ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା। ଲିଜ୍ ହୋଲ୍ଡରୁ ଫ୍ରି ହୋଲ୍ଡକୁ ରୂପାନ୍ତର ପାଇଁ ନାମ ମାତ୍ର ଶୁଳ୍କ ଲାଗୁ କରିବା ବ୍ୟତୀତ ସରକାର କୌଣସି ଉପାୟରେ ଲିଜ୍‌ଧାରୀଙ୍କ ଅଧିକାରକୁ ଛଡ଼ାଇ ନେଇପାରିବେ ନାହିଁ ବୋଲି ବ୍ୟବସ୍ଥା ଥିବା ସତ୍ତ୍ୱେ ଏହାକୁ ବିଚାରକୁ ନିଆଯାଇନାହିଁ। ଜମି ରୂପାନ୍ତର ପାଇଁ ବର୍ତ୍ତମାନର ବଜାର ମୂଲ୍ୟରେ ଦର ଧାର୍ଯ୍ୟ କରାଯିବା ଅନ୍ୟାୟ ଓ ବଡ଼ ଆର୍ଥିକ ବୋଝ ସଦୃଶ ହେବ। ସେଥିପାଇଁ ରୂପାନ୍ତର ଦେୟ ନୋମିନାଲ ବା ସ୍ୱଳ୍ପ ରାଶି ହେବା ଉଚିତ। ଦୀର୍ଘ ୩୫ ବର୍ଷ ତଳେ କରାଯାଇଥିବା ଆବଣ୍ଟନ ଏବଂ ଏହାର ଦଖଲରେ ରହିବା ପରେ ନୂଆ ନିୟମର ବ୍ୟବସ୍ଥା କଥା କୁହାଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ୨୦୨୪ରେ ଚନ୍ଦ୍ରଶେଖରପୁର ମୌଜାରେ ଏକର ପିଛା ଜମିର ମୂଲ୍ୟ ୧୪.୧୭ କୋଟି ଟଙ୍କା ଧାର୍ଯ୍ୟ ହୋଇଛି। ତେଣୁ ୪୦x୬୦ ଫୁଟ୍ ପ୍ଲଟ୍‌ର ଏକ ଏମ୍‌ଆଇଜି ଜମି ଲିଜ୍‌ଧାରୀଙ୍କୁ ରୂପାନ୍ତର ଶୁଳ୍କ ପାଇଁ ୨,୩୪୦୦୦ ଟଙ୍କା ଦେବାକୁ ପଡ଼ିବ। ଷ୍ଟାମ୍ପ ଡ୍ୟୁଟି ଆଦାୟ ସହିତ ୫୦x୭୦ ଫୁଟ୍ ପରିମିତ ଏକ ଉଚ୍ଚ ଜମି ଧାରକଙ୍କୁ ରୂପାନ୍ତର ଶୁଳ୍କ ବାବଦରେ ୩,୪୧,୨୫୦ ଦେବାକୁ ପଡ଼ିବ। ତେବେ ସମ୍ପୃକ୍ତ ଲିଜ୍ ଚୁକ୍ତିନାମା ଅନୁଯାୟୀ ୨୦୨୩ କିମ୍ବା ତା'ପରେ ଜମିର ବେଞ୍ଚମାର୍କ ମୂଲ୍ୟ ଉପରେ ଏହା ଆଦାୟ ପାଇଁ ପ୍ରଯୁଜ୍ୟ ନୁହେଁ। ଏହି ଜଟିଳ ସମସ୍ୟାର ଆଶୁ ସମାଧାନ ଦିଗରେ ବିହିତ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କୁ ବିନମ୍ରତାର ସହ ନିବେଦନ କରିଛନ୍ତି।

# ଓଡ଼ିଆ ଭାଷାରେ ହେବ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ କାର୍ଯ୍ୟ

**ଭୁବନେଶ୍ୱର,୦୧/୦୮ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ହେବ । ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଦ୍ୱାରା ଏ ସଂକ୍ରାନ୍ତୀୟ ଏକ ବିଭାଗୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ଆଧାରରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟାଳୟର ନଥିପତ୍ର ଏବଂ ସମସ୍ତ ପତ୍ରାଳାପ ଓଡ଼ିଆ ଭାଷାରେ କରିବେ । ସମସ୍ତ ବୈଠକର ବିବରଣୀ ଓଡ଼ିଆରେ ଜାରି କରାଯିବ । ସମସ୍ତ ସଂକଳ୍ପପତ୍ର, ନିର୍ଦ୍ଦେଶନାମା ଏବଂ ଅନ୍ୟ ସମସ୍ତ ବିଭାଗୀୟ ପତ୍ରାଳାପ ମଧ୍ୟ ଓଡ଼ିଆ ଭାଷାରେ ହେବ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଏହା ସହ କ୍ୟାବିନେଟ୍ ପାଇଁ ସମସ୍ତ ସ୍ମାରକପତ୍ର ଉଭୟ ଓଡ଼ିଆ ଏବଂ ଇଂରାଜୀରେ ପ୍ରକାଶ କରାଯିବ । ଏହି ସମସ୍ତ କାର୍ଯ୍ୟରେ ପ୍ରାଥମିକତା ଭିତ୍ତିରେ ଓଡ଼ିଆ ଭାଷା ବ୍ୟବହାର କରିବା ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିଭାଗର ସମସ୍ତ ଅଧିକାରୀ, କ୍ଷେତ୍ର ଅଧିକାରୀ, ସର୍ବୋଚ୍ଚ ଯନ୍ତ୍ରୀ-୧, ସର୍ବୋଚ୍ଚ ଯନ୍ତ୍ରୀ-୨, ମୁଖ୍ୟମନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଆଦିଙ୍କ କାର୍ଯ୍ୟାଳୟ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଲୋକସଭା ପବ୍ଲିକ ଆକାଉଣ୍ଟସ୍ କମିଟିର ସଦସ୍ୟ ନିର୍ବାଚିତ ହେଲେ ଅପରାଜିତା ଷଡ଼ଙ୍ଗୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଲୋକସଭା ପବ୍ଲିକ ଆକାଉଣ୍ଟସ୍ କମିଟିର ସଦସ୍ୟ ନିର୍ବାଚିତ ହୋଇଛନ୍ତି । ଶ୍ରୀମତୀ ଷଡଙ୍ଗୀ ନିଜେ ସୋସିଆଲ ମିଡିଆ ଏକ୍ସରେ ଏହି ସୂଚନା ଦେଇଛନ୍ତି। ପବ୍ଲିକ ଆକାଉଣ୍ଟସ୍ କମିଟିର ସଦସ୍ୟ ଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସହ ମୋଟ୍ ୧୫ ଜଣ ସଦସ୍ୟ ନିର୍ବାଚିତ ହୋଇଥିବା ଜଣା ପଡିଛି । ୨୦୨୫ ଏପ୍ରିଲ ୩୦ରେ ଏହି କମିଟିର କାର୍ଯ୍ୟକାଳ ସରିବ । ପବ୍ଲିକ ଆକାଉଣ୍ଟସ୍ କମିଟିର ସଦସ୍ୟ ଭାବେ ନିର୍ବାଚିତ ହେବା ତାଙ୍କ ପାଇଁ ଏକ ସମ୍ମାନ ଓ ଏଥି ପାଇଁ ସେ କୃତଜ୍ଞ ବୋଲି ଶ୍ରୀମତୀ ଷଡଙ୍ଗୀ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି ।

# ହାତୀଦାନ୍ତ ବିକ୍ରି ବେଳେ ମାଡି ବସିଲା ବନ ବିଭାଗ

**କପ୍ତିପଦା, ନ୍ୟୁଜ ବ୍ୟୁରୋ**

ହାତୀ ଶିକାର କରି ଦାନ୍ତ ତାଡ଼ି ନେଲେ । ଆଉ ବିକ୍ରି କରିବା ପୂର୍ବରୁ ମାତା ଲକ୍ଷ୍ମୀଙ୍କ ପାଖରେ ହାତୀଦାନ୍ତ ରଖି କରୁଥିଲେ ପୂଜାର୍ଚ୍ଚନା। ଏହି ସମୟରେ ରେଡ୍ ମାରିଲା ବନ ବିଭାଗ। ଆଉ ଜାଲରେ ପଡ଼ିଲେ ଶିକାରୀ । ଏମିତି ଘଟଣା ଘଟିଛି କପ୍ତିପଦା ଥାନା ବିଦ୍ୟାଧର ନଗର ଅଞ୍ଚଳରେ । ଲକ୍ଷ୍ମୀଙ୍କ ଫଟୋ ସାମନାରେ କଦଳୀ ପତ୍ରରେ ହାତୀ ଦାନ୍ତ ରଖି ପୂଜାର୍ଚ୍ଚନା କରିବା ସହ ବିକ୍ରି ପାଇଁ ଯୋଜନା କରୁଥିବା ବେଳେ ଚଢ଼ଉ କଲା ବନ ବିଭାଗ। ହାତୀ ଦାନ୍ତ ବିକ୍ରିର ମାଷ୍ଟରମାଇଣ୍ଡ ସାଜିଥିଲେ ଜିଓ ଟ୍ୟାଗ ଅଧିକାରୀ ନିରଞ୍ଜନ ବେହେରା । ହାତୀ ଦାନ୍ତ ବିକ୍ରି ନିମନ୍ତେ ପୂଜାର୍ଚ୍ଚନା ଚାଲିଥିବା ବେଳେ କପ୍ତିପଦା ଓ ଉଦଳା ବନ ବିଭାଗ ସହିତ ଟାସ୍କଫୋର୍ସ ଟିମ ମିଳିତ ଭାବେ ଚଢାଉ କରିଥିଲେ । ମୁଖ୍ୟ ଅଭିଯୁକ୍ତ ନିରଞ୍ଜନ ବେହେରା ସମେତ ୭ ଜଣଙ୍କୁ ଗିରଫ କରାଯିବା ସହ ୫ଟି ହାତୀଦାନ୍ତ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ୪ ଜଣ ମୟୂରଭଞ୍ଜ କପ୍ତିପଦା ଏବଂ ଉଦଳା ଅଞ୍ଚଳର ହୋଇଥିବା ବେଳେ ଦାନ୍ତ କିଣିବାକୁ ଆସିଥିବା ଯୁବକମାନେ ବାଲେଶ୍ୱର ଅଞ୍ଚଳର ବୋଲି ସୂଚନା ମିଳିଛି। ରାକେଟର ରାଜ୍ୟ ବାହାରେ ଲିଙ୍କ୍ ରହିଛି କି ନାହିଁ ସେନେଇ ତଦନ୍ତ କରାଯାଉଛି ।

ଓଡ଼ିଶା ସରକାର
V-20
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ,
ଅଧିସୂଚନା
No RDM-LAC-KNJ-0007-2024/ 23515 / R&DM, Dated 19 JUL 2024

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛିକି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ପାଇଁ ସରକାର ସରକାରୀ ବ୍ୟୟରେ ମୌଜା- **ଘୁସୁରାପଦା ( ଅତିରିକ୍ତ)**, ଥାନା- ନନ୍ଦୀପଦା, ତହସିଲ- ହାଟଡିହି, ଜିଲ୍ଲା- କେନ୍ଦୁଝର ରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୧.୪୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ 2013 (RECTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ
୧- ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୁପ- ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ, ଶାଳପଡା ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :- ସାର୍ବଜନୀନ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ-ଜିଲ୍ଲା ପାଳ, ଆନନ୍ଦପୁର ।
୬- ଜମି ର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତାନଂ | ପ୍ଲଟ୍ ନଂ | ପ୍ଲଟ୍ ରମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ହାଟଡିହି | **ଘୁସୁରାପଦା ( ଅତିରିକ୍ତ)** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ ୩.୬୩ | ଏ ୧.୪୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ଶାଳପଡା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରା ଯାଇ ପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଦିଗନ୍ତ ରାଉତରାୟ
ଅତିରିକ୍ତ ଶାସନ ସଚିବ

**LAND SCHEDULE**
Addl. Land Acquisition for Construction of Anandapur Barrage Project (Baitarani Left Bank Canal) of Village – **Ghusurapada** (Addl), Tahasil – Hatadihi, P.S. – Nandipada, Dist – Keonjhar. L.A. Case No. **LACN |1| 12 | 2024.**

| କ୍ର:ନଂ | ଖାତା ନଂ | ଜମି ମାଲିକଙ୍କ ନାମ – ଜାତି , ବାସସ୍ଥାନ | ପ୍ଲଟ୍ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| ୧ | 23 | ଚଢେଇ ନାୟକ, ପି- ଗଙ୍ଗାଧର ନାୟକ, ଜାତି- ଖଣ୍ଡାୟତ, ବା - ନିଜଗାଁ । | 400 | ଶାରଦ- ୧ | 1.33 | 0.02 |
| ୨ | 99/19 | ଶ୍ରୀ କରୁଣାକର ବାରିକ ପି- ନବ ବାରିକ, ଜା – ଗୋପାଳ, ବା -ନିଜଗାଁ । | 216/520 | ଶାରଦ- ୧ | 0.15 | 0.03 |
| ୩ | 99/92 | ଅପର୍ତି ଚରଣ ବାରିକ ପି - ଆନନ୍ଦ ବାରିକ, ଜା – ଗୋପାଳ, ବା -ନିଜଗାଁ । | 216/637 | ଶାରଦ- ୧ | 0.85 | 0.03 |
| ୪ | 99/141 | ପ୍ରତାପ କୁମାର ବେଉରିଆ ପି- ଉମାକାନ୍ତ ବେଉରିଆ, ଜାତି- ଖଣ୍ଡାୟତ, ବା – ମଦନାପୁର । | 339/444 | ଶାରଦ- ୧ | 0.40 | 0.40 |
| | | | 290 | ଶାରଦ- ୨ | 0.22 | 0.22 |
| | | | 339/646 | ଶାରଦ- ୧ | 0.51 | 0.51 |
| | | | 339/680 | ଶାରଦ- ୧ | 0.07 | 0.07 |
| | | | 344/679 | ଶାରଦ- ୧ | 0.10 | 0.10 |
| | | | 345/515 | ଶାରଦ- ୧ | 0.07 | 0.07 |
| | | | | | ମୋଟ ଅଧିଗ୍ରହଣ ରକବା ଏ | 1.45 |

OIPR-24001/14/0088/2425

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୬ ପର୍ଯ୍ୟନ୍ତ...

କରାଯାଇଛି । ଅଗଷ୍ଟ ୨ରୁ ୧୬ ପର୍ଯ୍ୟନ୍ତ ଏହି କଟକଣା ଜାରି କରାଯାଇଛି । ଏହି ବିପଦକୁ ଦୃଷ୍ଟିରେ ରଖି ଆଦେଶ ଜାରି କରିବା ପୂର୍ବରୁ ଦିଲ୍ଲୀ ପୁଲିସ କମିଶନର ପୁଲିସ ଅଧିକାରୀଙ୍କ ବୈଠକ କରି ପ୍ରସ୍ତୁତିର ସମୀକ୍ଷା କରିଥିଲେ। ମଙ୍ଗଳବାର ଅନୁଷ୍ଠିତ ଏକ ବୈଠକରେ ସେ କହିଥିଲେ ଯେ ଅଗଷ୍ଟ ୧୫ରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ହୋଇଥିବା ଆକ୍ରମଣ ଭଳି ଦେଶ ଉପରେ ଆକ୍ରମଣ ହୋଇପାରେ ଏବଂ ଏ ଦୃଷ୍ଟିରୁ ସମସ୍ତ ପୁଲିସ କର୍ମଚରୀଙ୍କୁ ଏବେଠାରୁ ସତର୍କ ରହିବାକୁ ପଡିବ।

## ହିମାଚଳ ଓ ଉତ୍ତରାଖଣ୍ଡରେ..

ନିଖୋଜ ଥିବା ସୂଚନା ମିଳିଛି। କୁଲ୍ଲୁ, ମଣ୍ଡି ଏବଂ ରାମପୁରରେ ବାଦଲ ଫଟା ବର୍ଷାରେ ପ୍ରଳୟ ସୃଷ୍ଟି ହୋଇଛି । ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ବର୍ଷାରେ ଅନେକ ଘର ଧୋଇ ହୋଇ ଯାଇଛି। ରାମପୁର ସମେଜ ଗାଁରେ ୩୦ରୁ ଅଧିକ ଲୋକ ନିଖୋଜ ହୋଇ ଯାଇଛନ୍ତି । ସେପଟେ କୁଲୁ ପାର୍ବତୀ ନଦୀ କୂଳରେ ଏକ ବିଲ୍ଡିଂ ଭୁଶୁଡ଼ି ଯିବାର ଚିତ୍ର ସାମ୍ନାକୁ ଆସିଛି । ଏଥିରେ ୬ ଜଣ ଆହତ ହୋଇଛନ୍ତି। ସମେଜ ଖେଡାରେ ଥିବା ହାଇଡ୍ରୋ ପ୍ରୋଜେକ୍ଟ ସାଇଟ୍‌ରେ ବାଦଲା ଫାଟିବା ଯୋଗୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୬ ଜଣ ନିଖୋଜ ଅଛନ୍ତି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ହିମାଚଳ ପ୍ରଦେଶର ବିଭିନ୍ନ ଅଞ୍ଚଳରେ ବାଦଲ ଫାଟିବା ଯୋଗୁଁ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ହିମାଚଳ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁଙ୍କ ସହ କଥା ହୋଇଛନ୍ତି । କେନ୍ଦ୍ର ସରକାରଙ୍କ ତରଫରୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମଣ୍ଡି ଅଞ୍ଚଳରେ ଦୁଇ ଜଣକ ମୃତ୍ୟୁ ହୋଇଥିବା ବେଳେ ୮ ଜଣ ନିଖୋଜ ଅଛନ୍ତି। ରାମପୁର ଅଞ୍ଚଳରେ ଜଣଙ୍କ ମୃତ୍ୟୁ ହୋଇଛି।

## ପ୍ରଥମ ଥର ପାଇଁ ...

ସ୍ତରରେ ପହଞ୍ଚିଛି। ବଜାରରେ ଏହି ବୃଦ୍ଧିର ଶ୍ରେୟ ଏନର୍ଜି ଷ୍ଟକଗୁଡ଼ିକୁ ଯାଉଛି । କୋଲ ଇଣ୍ଡିଆ, ଓଏନଜିସି, ପାୱାର ଗ୍ରୀଡ ଭଳି ସରକାରୀ କମ୍ପାନୀର ସେୟାରରେ ପ୍ରବଳ କ୍ରୟ ଦେଖିବାକୁ ମିଳିଛି । କାରବାର ଶେଷ ସୁଦ୍ଧା ନିଫ୍‌ଟି ୬୪୦ ପଏଣ୍ଟ ବୃଦ୍ଧି ପାଇ ୨୫,୦୧୧ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ସେନ୍‌ସେକ୍ସ ୧୨୬ ପଏଣ୍ଟ ବୃଦ୍ଧି ସହ ୮୧,୮୬୭ ପଏଣ୍ଟରେ ବନ୍ଦ ହୋଇଛି। କାରବାରରେ ଶକ୍ତି, ଫାର୍ମା, ଏଫ୍‌ଏମସିଜି, ହେଲଥକେୟାର ବ୍ୟାଙ୍କିଙ୍ଗ ଏବଂ ତୈଳ ଓ ଗ୍ୟାସ କ୍ଷେତ୍ରର ଷ୍ଟକଗୁଡ଼ିକରେ କ୍ରୟ ହୋଇଥିବା ବେଳେ ଅଟୋ, ଆଇଟି, ଉପଭୋକ୍ତା ସାମଗ୍ରୀ, ଧାତୁ, ରିଅଲ ଇଷ୍ଟେଟ ଏବଂ ମିଡିଆ ସେୟାର ଗୁଡ଼ିକ ବନ୍ଦ ହୋଇଯାଇଛି। ବୁଧବାର କାରବାର ଅଧିବେଶନରେ ଭାରତୀୟ ଷ୍ଟକ ବଜାରର ମାର୍କେଟ କ୍ୟାପ ରେକର୍ଡ ସ୍ତରରେ ପହଞ୍ଚିଥିଲେ ହେଁ ଗୁରୁବାର ଅଧିବେଶନରେ ଏହା ହ୍ରାସ ପାଇଛି। ବିଏସଇରେ ତାଲିକାଭୁକ୍ତ ଷ୍ଟକଗୁଡ଼ିକର ବଜାର ପୁଞ୍ଜି ୪୬୧.୬୧ ଲକ୍ଷ କୋଟି ଟଙ୍କାରେ ବନ୍ଦ ହୋଇଛି।

## ଆମେ ରିଲ୍‌ସ ...

ପ୍ରୋଟେକ୍ସନ କାହିଁକି ଲଗେଇପାରିଲେନି ? ଏଥିସହିତ ରେଳମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଚୁପ ହେଇ ବସନ୍ତୁ। କିଛି ବି ଆପଣ କହୁଛନ୍ତି, ଯେତେବେଳେ ମମତା ବାନାର୍ଜୀ ରେଳମନ୍ତ୍ରୀ ଥିଲେ, ସେତେବେଳେ ଦୁର୍ଘଟଣା ପ୍ରତିଶତ ୦.୨୪ରୁ କିମି ୦.୧୯ ହୋଇଯାଇଥିଲା। ହେଲେ ବର୍ତ୍ତମାନ ଦୁର୍ଘଟଣା ପ୍ରତିଶତ ୦.୧୯ରୁ ଖସି ୦.୦୩ ହୋଇସାରିଛି । ତଥାପି ଲୋକ ଆମକୁ ଦୋଷ ଦେଉଛନ୍ତି ।

## ବିଜେପିରେ ଯୋଗଦେଲେ...

ଲେଖା ଛିଡ଼ି ଛିଡ଼ି ଆସୁଛି। ଆଜିକା ଦିନରେ ଏତିକି କହିବି, ବିଜେପି ବଢ଼ୁଛି, ବିଜେଡି ଛିଡ଼ୁଛି। କୁଡୁମୀ ସମ୍ପ୍ରଦାୟର ଜଣେ ଜଣାଶୁଣା ଓ ଟାଣୁଆ ନେତ୍ରୀ ଭାବେ ବେଶ ପରିଚିତ ଥିଲେ ମମତା ମହାନ୍ତ । ସେହି ସମାଜର ଭୋଟ୍‌କୁ ହାତେଇବା ପାଇଁ ବିଜେଡ଼ି ତାଙ୍କୁ ଦଳରେ ସାମିଲ କରିଥିଲା, ଆଉ ରାଜ୍ୟସଭା ପଠାଇ ଥିଲା। ହେଲେ ଗତ ନିର୍ବାଚନରେ ବିଜେଡ଼ିର ଶୋଚନୀୟ ପରାଜୟ ହୋଇଥିଲା। ଏଥିସହ ମୟୂରଭଞ୍ଜ ଜିଲ୍ଲାରେ ସବୁ ବିଧାନସଭା ଆସନରେ ବିଜେଡି ପରାଜିତ ହୋଇଥିଲା। ଚର୍ଚ୍ଚା ଅନୁସାରେ ପରାଜୟ ପରେ ରାଜ୍ୟସ୍ତରୀୟ ନେତାଙ୍କ ଟାର୍ଗେଟରେ ଥିଲେ ମମତା। ତେଣୁ ସେ ବିଜେଡ଼ି ଉପରେ ଅସନ୍ତୋଷ ଝାଡ଼ି ରାଜ୍ୟସଭାରୁ ଇସ୍ତଫା ଦେଇଥିଲେ। ଏଥିସହ ବିଜେଡ଼ିରୁ ମଧ୍ୟ ଇସ୍ତଫା ଦେଇଥିଲେ।

## ଘରକୁ ଫେରିବେ ...

କରିଥିଲେ, ଯାହା ମହାକାଶଯାନର ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ପ୍ରସ୍ତୁତତାକୁ ନିଶ୍ଚିତ କରିଥାଏ। ପରୀକ୍ଷଣ ସମୟରେ, ସମସ୍ତ ହିଲିୟମ ମେନିଫୋଲ୍ଡ ଖୋଲାଯାଇ ଯାହା ଫଳରେ ଇଞ୍ଜିନିୟରମାନଙ୍କୁ ହିଲିୟମ ଯୋଗାଣ ଏବଂ ଲିକ ହାର ଆକଳନ କରିବାକୁ ସକ୍ଷମ ହୋଇଥିଲେ। ପରୀକ୍ଷଣ ପରେ, ମେନିଫୋଲ୍ଡଗୁଡ଼ିକ ବନ୍ଦ ହୋଇଯାଇଥିଲା ଏବଂ ଷ୍ଟାରଲିନର ଅନଲକ କରିବା ପୂର୍ବରୁ ଏହାର ପ୍ରବୃତ୍ତି ପ୍ରଣାଳୀକୁ ସକ୍ରିୟ ନକରିବା ପର୍ଯ୍ୟନ୍ତ ରହିବ । ଏହି ସମୟରେ ହିଲିୟମ ସିଷ୍ଟମ ସ୍ଥିର ରହିଛି ଏବଂ ଏକ ଆରସିଏସ ଅକ୍ସିଡାଇଜର ବିଚ୍ଛିନ୍ନତା ଭଲଭ ଯାହା ପୂର୍ବରୁ ତ୍ରୁଟିପୂର୍ଣ୍ଣ ଥିଲା। ଅନେକ ଥର ଘୂର୍ଣ୍ଣନ କରିଥିଲା ଏବଂ ବର୍ତ୍ତମାନ ସାଧାରଣ ଭାବରେ କାର୍ଯ୍ୟ କରୁଛି। ନାସା ଏବଂ ବୋଇଙ୍ଗ ଟିମ ବର୍ତ୍ତମାନ ଡକ ହୋଇଥିବା ହଟ ଫାୟାର ପରୀକ୍ଷା ଏବଂ ନ୍ୟୁ ମେକ୍ସିକୋର ନାସାର ହ୍ୱାଇଟ ସ୍ୟାଣ୍ଡ ଟେଷ୍ଟ ସୁବିଧାରେ ଷ୍ଟାରଲାଇନର ଥ୍ରଷ୍ଟରରେ ଗ୍ରାଉଣ୍ଡ ଟେଷ୍ଟର ତଥ୍ୟ ସମୀକ୍ଷା କରୁଛନ୍ତି । ଏହି ସମୀକ୍ଷା ଏଜେନ୍ସିର ଫେରିବା ପ୍ରସ୍ତୁତି ସମୀକ୍ଷାକୁ ଜଣାଇବ, ଯାହା ପରେ ଏକ ଲକ୍ଷ୍ୟ ଫେରସ୍ତ ତାରିଖ ସ୍ଥିର କରାଯିବ। ଷ୍ଟାରଲାଇନର ପ୍ରତ୍ୟାବର୍ତ୍ତନ ପାଇଁ ଗ୍ରାଉଣ୍ଡ ଟିମ ପ୍ରସ୍ତୁତି ଶେଷ କରୁଥିବାବେଳେ ୱିଲମୋର ଏବଂ ୱିଲିୟମ୍ସ ଏକ୍ସପେଡିସନ ୭୧ କ୍ରୁଙ୍କ ସହିତ ଆଇଏସଏସରେ ସେମାନଙ୍କର କାର୍ଯ୍ୟ ଜାରି ରଖିଛନ୍ତି। ଆଶା କରାଯାଉଛି ଅଗଷ୍ଟରେ ସେମାନଙ୍କର ଫେରିବା ତାରିଖ ଧାର୍ଯ୍ୟ କରାଯିବ।


ଉତ୍କଳ ଦୀପିକା

ଭୁବନେଶ୍ୱର
୦୨ ଅଗଷ୍ଟ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# 'ଇଷ୍ଟର୍ଣ୍ଣ ମିଡିଆ' ଗ୍ରୁପ୍‌ର ଅଧ୍ୟକ୍ଷ ହେଲେ ସୌମ୍ୟରଞ୍ଜନ

ଭୁବନେଶ୍ୱର, ୧/୮
ନ୍ୟୁଜ ବ୍ୟୁରୋ



୨୦୨୩ ମସିହା ଅକ୍ଟୋବର ମାସରେ 'ସମ୍ବାଦ'ର ସମ୍ପାଦକ ପଦରୁ ଅବ୍ୟାହତି ନେଇଥିବା ସୌମ୍ୟରଞ୍ଜନ ପଟ୍ଟନାୟକ ଏବେ ପୁଣି ସମ୍ବାଦକୁ ଫେରିଛନ୍ତି। ତେବେ ଏଥର ସମ୍ପାଦକ ଭାବେ ନୁହେଁ, ଇଷ୍ଟର୍ଣ୍ଣ ମିଡିଆ ଗ୍ରୁପର ଅଧ୍ୟକ୍ଷ ଭାବେ ଶ୍ରୀ ପଟ୍ଟନାୟକ ଯୋଗ ଦେଇଛନ୍ତି। ଶ୍ରୀ ପଟ୍ଟନାୟକଙ୍କ ଫେରିବା ପରେ କେବଳ ସମ୍ବାଦ ଭବନରେ ନୁହେଁ ମିଡିଆ ଜଗତରେ ଆନନ୍ଦ ପ୍ରକାଶ ପାଇଛି ଏବଂ ବିଭିନ୍ନ ମହଲରେ ତାଙ୍କୁ ସ୍ୱାଗତ କରାଯାଇଛି।

ପ୍ରାୟ ୯ମାସ ତଳେ ଏକ ବିବାଦୀୟ ପରିସ୍ଥିତିରେ ଶ୍ରୀ ପଟ୍ଟନାୟକ ସମ୍ପାଦକ ପଦବୀରୁ ଅବ୍ୟାହତି ନେଇଥିଲେ। ଶ୍ରୀ ପଟ୍ଟନାୟକଙ୍କ କନ୍ୟା ତନୟା ପଟ୍ଟନାୟକ 'ସମ୍ବାଦ'ର ସମ୍ପାଦକ ଭାବେ ଦାୟିତ୍ୱ ବହନ କରିଥିଲେ।

## ଇସ୍ପାତ ଓ ଖଣି ମନ୍ତ୍ରୀଙ୍କୁ ସାକ୍ଷାତ କଲେ ପଦ୍ମବିଭୂଷଣ ସୁଦର୍ଶନ ସାହୁ

# ' ପଥର କାରିଗରମାନଙ୍କୁ କଞ୍ଚାମାଲ ଯୋଗାଇ ଦିଆଯିବ'

ଭୁବନେଶ୍ୱର, ୦୧/୦୮
ନ୍ୟୁଜ ବ୍ୟୁରୋ



ରାଜ୍ୟର ପଥର କାରିଗରମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କଞ୍ଚାମାଲ ଯୋଗାଇଦେବା ସକାଶେ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ । ପଥର ଶିଳ୍ପୀମାନଙ୍କ ପାଇଁ 'ଓଡ଼ିଶା ଆର୍ଟିସାନ୍ ଗ୍ରେଡ୍ ଷ୍ଟୋନ ପଲିସି-୨୦୨୧' ପ୍ରଣୟନ କ୍ରମେ ବିଭିନ୍ନ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରକାଶ କରିଛି। ଗୁରୁବାର ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ଭାସ୍କର ପଦ୍ମବିଭୂଷଣ ଶିଳ୍ପୀ ଗୁରୁ ସୁଦଶର୍ନ ସାହୁ ମନ୍ତ୍ରୀ ଶ୍ରୀ ଜେନାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟର ଶିଳ୍ପୀ ଓ କାରିଗରମାନଙ୍କୁ ଉପଯୁକ୍ତ ସହଯୋଗ କରିବା ନିମନ୍ତେ ଅନୁରୋଧ କରିଥିବାବେଳେ ମନ୍ତ୍ରୀ ଶ୍ରୀ ଜେନା ଏହା ପ୍ରକାଶ କରିଛନ୍ତି । ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ପଥର ଖୋଦେଇ କାର୍ଯ୍ୟରତ କାରିଗରମାନଙ୍କ ଠାରୁ ବାର୍ଷିକ ଆବଶ୍ୟକତାର ତଥ୍ୟ ସଂଗ୍ରହ କରାଯିବ ଓ ଏହି କାର୍ଯ୍ୟରେ ନିୟୋଜିତ ଜିଲ୍ଲାୱାରୀ କାରିଗରଙ୍କ ସଂଖ୍ୟା ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପ୍ରଦାନ କରାଯିବ। କାରିଗରୀ ପଥର ଥିବା ସ୍ଥାନଗୁଡ଼ିକ ଚିହ୍ନଟ କରାଯିବ ଏବଂ ଓରସାକ୍ ଜରିଆରେ ସେହି ସ୍ଥାନ ଗୁଡ଼ିକର ଜିଓ ରେଫରେନ୍ସ ମ୍ୟାପ୍ ପ୍ରସ୍ତୁତ କରାଯିବ। ପଥର ଶିଳ୍ପୀ ଓ କାରିଗରମାନଙ୍କ କଞ୍ଚାମାଲଜନିତ ସମସ୍ୟା ଦୂର ହେବ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି । ପଦ୍ମବିଭୂଷଣ ଶ୍ରୀ ସାହୁ ଆଲୋଚନା ସମୟରେ ରାଜ୍ୟ ଶିଳ୍ପୀ ମହାସଂଘ ବାବଦରେ ସୂଚନା ଦେବା ସହିତ ପଥର କାରିଗରମାନଙ୍କ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଅବଗତ କରାଇ ଥିଲେ ।

## ସ୍ୱଦେଶୀ ବିହନରୁ ଉତ୍ପାଦିତ ହୋଇଥିବା ଧାନ, ଗହମ, ମାଣ୍ଡିଆ, ଡାଲିଜାତୀୟ ଶସ୍ୟର ବଜାରୀକରଣ ନିମନ୍ତେ

# ରାଜ୍ୟ ତଥା ରାଜ୍ୟ ବାହାରେ ବିକ୍ରୟ ଶାଖା ଖୋଲିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୦୧/୦୮
ନ୍ୟୁଜ ବ୍ୟୁରୋ



ଗୁରୁବାର ପୂର୍ବାହ୍ନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ପ୍ରମୁଖ ବୈଜ୍ଞାନିକ ତଥା ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ (ଏମ୍‌ଏସ୍‌ଏସ୍‌ଆରଏଫ୍)ର ଅଧ୍ୟକ୍ଷା ଡ. ସୌମ୍ୟା ସ୍ୱାମୀନାଥନ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା କରିଛନ୍ତି । ଚେନ୍ନାଇଠାରେ ଅଗଷ୍ଟ ୭ ଓ ୮ ତାରିଖରେ ହେବାକୁ ଥିବା କ୍ଷୁଧାମୁକ୍ତ ବିଶ୍ୱ ଉପରେ ଆଧାରିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେବା ପାଇଁ ଡ. ସ୍ୱାମୀନାଥନ ମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ଆମନ୍ତ୍ରଣ କରିଥିଲେ । ସଚିବାଳୟସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ଆଲୋଚନାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପାରମ୍ପରିକ କୃଷି ଓ ଜୈବିକ କୃଷି ପ୍ରଣାଳୀରେ ଧାନ, ମୁଗ, ବିରି, ମାଣ୍ଡିଆ ଏବଂ ଅନ୍ୟାନ୍ୟ ଶସ୍ୟଜାତୀୟ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ । ସରକାର ଖୁବ୍‌ଶୀଘ୍ର ଏନେଇ ଯୋଜନା କରୁଛନ୍ତି ଏବଂ ଏହା ଦ୍ୱାରା ସମୟକ୍ରମେ ବିଲୁପ୍ତ ହୋଇଯାଉଥିବା ପାରମ୍ପରିକ ବିହନଗୁଡ଼ିକର ସଂରକ୍ଷଣ ହୋଇପାରିବ । ସ୍ୱଦେଶୀ ବିହନରୁ ଉତ୍ପାଦିତ ହୋଇଥିବା ଧାନ, ଗହମ, ମାଣ୍ଡିଆ, ଡାଲିଜାତୀୟ ଶସ୍ୟର ବଜାରୀକରଣ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରେ ବିକ୍ରୟ ଶାଖା ଖୋଲିବା ପାଇଁ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ । ଲୋକମାନେ ଏହିସବୁ ଶସ୍ୟକୁ ବ୍ୟବହାର କଲେ ହିଁ ଏହାର ଗୁଣବତ୍ତା ଓ ପୌଷ୍ଟିକତା ବାବଦରେ ଅବଗତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ ଉଲ୍ଲେଖ କରିଥିଲେ । ଆଲୋଚନାବେଳେ କୋରାପୁଟର ଜୟପୁରଠାରେ ଅବସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ (ଏମ୍.ଏସ୍.ଏସ୍.ଆର.ଏଫ୍.)କୁ ଅନ୍ତର୍ଜାତୀୟ କୃଷକ ପ୍ରଶିକ୍ଷଣ କେନ୍ଦ୍ରରେ ପରିଣତ କରିବାକୁ ଡ. ସ୍ୱାମୀନାଥନ୍ ପ୍ରସ୍ତାବ ଦେଇଥିଲେ । ଏବେ ସରକାର କେବଳ ଫସଲର ଉତ୍ପାଦନ କ୍ଷମତା ଉପରେ ଧ୍ୟାନ କେନ୍ଦ୍ରିତ ନକରି ଏହାର ପୁଷ୍ଟିକର ତତ୍ତ୍ୱ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ଏହା ଫଳରେ ମାଟିର ଗୁଣବତ୍ତା, ସ୍ୱାସ୍ଥ୍ୟ ଓ ପରିବେଶ ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରିବ ବୋଲି ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ କହିଥିଲେ । ଜୈବିକ ଓ ପାରମ୍ପାରିକ ପ୍ରଣାଳୀରେ ପୁଷ୍ଟିକର ଶସ୍ୟ ଉତ୍ପାଦନ କରୁଥିବା କୃଷକମାନଙ୍କୁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଡ. ସ୍ୱାମୀନାଥନ ବର୍ତ୍ତମାନ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଜାତୀୟ ଟିବି ନିରାକରଣ ଯୋଜନାର ପ୍ରମୁଖ ଉପଦେଷ୍ଟା ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି ।

## ଡେରାସ ସ୍ଥିତ ସି-ଫୁଡ୍ ପାର୍କ ପରିଦର୍ଶନ କଲେ ଶିଳ୍ପମନ୍ତ୍ରୀ

# ୧୫ ହଜାର ଯୁବକଯୁବତୀଙ୍କ ନିମନ୍ତେ ସୃଷ୍ଟିହେବ ନିଯୁକ୍ତି ସୁଯୋଗ


ଭୁବନେଶ୍ୱର, ୦୧-୦୮
ନ୍ୟୁଜ ବ୍ୟୁରୋ



ଗୁରୁବାର ପୂର୍ବାହ୍ନରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଡେରାସ ସ୍ଥିତ ସି-ଫୁଡ୍ ପାର୍କ ଶିଳ୍ପାଞ୍ଚଳ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଶିଳ୍ପାଞ୍ଚଳର ବିଭିନ୍ନ ଉଦ୍ୟୋଗ ବୁଲି ଦେଖିବା ସହ ସଂପୃକ୍ତ ଅଂଶୀଦାରମାନଙ୍କ ସହିତ ଆଲୋଚନା କରିଥିଲେ । ସେମାନଙ୍କର ବିଭିନ୍ନ ଦାବି ଉପରେ ବିଚାର ବିମର୍ଶ କରି ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଶିଳ୍ପୋଦ୍ୟୋଗ ପରିଭ୍ରମଣ ପରେ ଏଠାରେ ଆୟୋଜିତ ଏକ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ଇଡ୍‌କୋ ଦ୍ୱାରା ଅଧିକୃତ ୧୫୧ ଏକର ଜମିରୁ ୮୮ ଏକର ଜମିକୁ ଶିଳ୍ପ ପ୍ରତିଷ୍ଠା ପାଇଁ ଦିଆଯାଇଛି । ଉକ୍ତ ଶିଳ୍ପାଞ୍ଚଳରେ ୧୭ଟି ସଂସ୍ଥା ସେମାନଙ୍କ ଉଦ୍ୟୋଗ ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି । ଏଥି ମଧ୍ୟରୁ ୩ଟି ସଂସ୍ଥା କାର୍ଯ୍ୟରତ ଥିବା ବେଳେ ଆଉ ୪ଟି ସଂସ୍ଥା ସେମାନଙ୍କ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି । ଏଥି ସହ ଆଉ ୧୦ଟି ସଂସ୍ଥା ନିଜ ନିଜର ଉଦ୍ୟୋଗ ଖୋଲିବା ପାଇଁ ଜମି ନେଇଛନ୍ତି । ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ସହ କିଭଳି ଖୁବ୍ ଶୀଘ୍ର ସେମାନେ ଉଦ୍ୟୋଗ ପ୍ରତିଷ୍ଠା କରିବେ ସେ ଦିଗରେ ପଦକ୍ଷେପ ନେବାକୁ ମନ୍ତ୍ରୀ କହିଥିଲେ । ଏହା ଦ୍ୱାରା ପ୍ରାୟ ୧୦ ହଜାର ମହିଳାଙ୍କ ସମେତ ୧୫ ହଜାର ଯୁବକଯୁବତୀ ରୋଜଗାର କ୍ଷମ ହୋଇପାରିବେ । ଏତଦ୍ ବ୍ୟତୀତ ଏହି ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ରହିବା ପାଇଁ ହଷ୍ଟେଲ ବ୍ୟବସ୍ଥା କରାଯିବ । ଏ ସଂକ୍ରାନ୍ତରେ ରାଜ୍ୟ ସରକାର ବିଭିନ୍ନ ସଂସ୍ଥା ସହ ବିଚାର ବିମର୍ଶ ଜାରି ରଖିଛନ୍ତି । ରାଜ୍ୟରେ ଶିଳ୍ପାୟନକୁ ଗୁରୁତ୍ୱ ଦେବା ସହ ବିଭିନ୍ନ ଜିଲ୍ଲାରେ ଏହି ଭଳି ଆଉ ୧୧ଟି ପାର୍କ ପ୍ରତିଷ୍ଠା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଏଥି ନିମନ୍ତେ ସ୍ଥଳ ବିଶେଷରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ଉଦ୍ୟୋଗ ପ୍ରତିଷ୍ଠା କ୍ଷେତ୍ରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସ୍ଥାନୀୟ ଲୋକମାନଙ୍କ ସହଯୋଗ ଲୋଡ଼ିଥିଲେ । ଏହା ପୂର୍ବରୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ୩ଗୋଟି ଇଣ୍ଡଷ୍ଟ୍ରିଆଲ୍ ୟୁନିଟ୍ ବୁଲି ଦେଖିଥିଲେ । ମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇ, ସିଜିଏମ୍ ବିଜୟ ଚନ୍ଦ୍ର ତ୍ରିପାଠୀ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଉପଜିଲ୍ଲାପାଳ ନୀତିଶ ତ୍ରିପାଠୀ, ଇଡ୍‌କୋ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ସ୍ଥାନୀୟ ବାସିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପି ପ୍ରଲୋଭନରେ ଦଳ ଛାଡ଼ିଛନ୍ତି ମମତା: ବିଜେଡି

ଭୁବନେଶ୍ୱର, ୦୧/୦୮ ନ୍ୟୁଜ ବ୍ୟୁରୋ



ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଲକ୍ଷ୍ୟରେ ଚକ୍ରାନ୍ତ କରି ବିଜେଡ଼ି ତଥା ରାଜ୍ୟସଭାର ସଦସ୍ୟ ପଦରୁ ମମତା ମହାନ୍ତ ଇସ୍ତଫା ଦେଇଛନ୍ତି ବୋଲି ଗୁରୁବାର ଶଙ୍ଖ ଭବନ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ । ଦଳକୁ ସେ ଯେଉଁଭଳି ଧୋକା ଦେଲେ ତାହା ରାଜନୀତିରେ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ସେ ଆହୁରି କହିଛନ୍ତି, ମହିଳାଙ୍କୁ ଶସକ୍ତ କରିବା ଉଦ୍ଦେଶ୍ୟରେ ନବୀନ ପଟ୍ଟନାୟକ ସରକାର ବହୁବିଧ ଯୋଜନା କରିଥିଲେ। ସେହିକ୍ରମରେ ମମତା ମହାନ୍ତ ପରି ଜଣେ କୁଡ଼ୁମି ସମାଜର ପଛୁଆ ବର୍ଗର ମହିଳାଙ୍କୁ ପ୍ରଥମେ ଜିଲ୍ଲାପରିଷଦ ସଦସ୍ୟା, ଜିଲ୍ଲା ସଭାନେତ୍ରୀ ଓ ରାଜ୍ୟସଭା ସାଂସଦ ଭାବେ ବିଜୁ ଜନତା ଦଳ ତରଫରୁ ତାଙ୍କୁ ମନୋନୀତ କରାଯାଇଥିଲା। ଆମର ସୌଭାଗ୍ୟ ଯେ ନବୀନ ପଟ୍ଟନାୟକ ମୋତେ ଓ ମମତା ମହାନ୍ତଙ୍କ ପରି ଅନେକ ମହିଳାଙ୍କୁ ଲୋକ ପ୍ରତିନିଧି ହେବା ପାଇଁ ସାମର୍ଥ୍ୟ ଓ ସୁଯୋଗ ଦେଇଛନ୍ତି। ନବୀନ ସରକାରଙ୍କ ଦ୍ୱାରା କୁଡ଼ୁମି ସମାଜକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇ ମୟୁରଭଞ୍ଜ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ ପାଇଁ କୁଡ଼ୁମି ଭବନ ନିର୍ମାଣ ସକାଶେ ୨୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ସେହିପରି ରାଇରଙ୍ଗପୁର ଠାରେ କୁଡ଼ୁମି ଭବନ ନିର୍ମାଣ ପାଇଁ ନବୀନ ସରକାରଙ୍କ ଦ୍ୱାରା ତିରିଶ ଡେସିମିଲ ଜମି ପ୍ରଦାନ କରି ଏକ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ, ପ୍ରଥମ ପର୍ଯ୍ୟାୟରେ ୩୦ ଲକ୍ଷ୍ୟ ଟଙ୍କା ପ୍ରଦାନ କରାଯାଇଥିଲା, ଯାହାର ନିର୍ମାଣ କାର୍ଯ୍ୟ ଏବେ ଚାଲୁ ରହିଛି। ମମତା ତାଙ୍କ ଇସ୍ତଫାପତ୍ରରେ ଦେଇଥିବା ମନ୍ତବ୍ୟ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ନିନ୍ଦନୀୟ। ନିଜର ରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଯାଇ ମମତା ମହାନ୍ତ କେବଳ ବିଜୁ ଜନତା ଦଳ ନୁହେଁ ବରଂ ସମଗ୍ର କୁଡ଼ୁମି ସମାଜ ଓ ମୟୁରଭଞ୍ଜ ଜିଲ୍ଲାକୁ ଧୋକା ଦେଇଛନ୍ତି ବୋଲି ଶ୍ରୀମତୀ ହେମ୍ବ୍ରମ କହିଛନ୍ତି। ସେହିଭଳି ବିଜୁ ଜନତା ଦଳର ଅନ୍ୟତମ ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ମମତା ମହାନ୍ତଙ୍କୁ ଜିଲ୍ଲା ପରିଷଦ ଠାରୁ ଆରମ୍ଭ କରି ରାଜ୍ୟସଭା ପରି ପଦ ଦେଇଥିଲା ବିଜେଡି। କିନ୍ତୁ ଦୁଃଖର ବିଷୟ ବିଜେପିର ପ୍ରଲୋଭନରେ ପ୍ରଭାବିତ ହୋଇ ସେ ପଦ୍ମ ଧରିଲେ। ସେ ଯଦି ଚାହୁଁଥିଲେ କୁଡ଼ୁମୀ ସମାଜର ଉନ୍ନତି କରିବା ପାଇଁ ତାହା ହେଲେ ସେ ବିଜେଡିରୁ ଇସ୍ତଫା ଦେଇଥାଆନ୍ତେ। କିନ୍ତୁ ରାଜ୍ୟସଭା ପଦ କାହିଁକି ଛାଡିଲେ। ସେ ଏକ ଜାତୀୟ ଦଳକୁ ନିଜ ସଭ୍ୟ ପଦ ଦାନ କରିଦେଲେ। ନିର୍ବାଚନ ପୂର୍ବରୁ ବିଜେପି ପାଇଁ କାମ କରୁଥିଲେ ମମତା ମହାନ୍ତ । ସେ ବିଜେଡି ଛାଡିବା ଦ୍ୱାରା ଦଳର କୌଣସି କ୍ଷତି ହେବନି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସଶକ୍ତ ରହିଥିବା ବିଜେଡି ଦଳ ଆଗକୁ ମଧ୍ୟ ଆହୁରି ଅଧିକ ସଶକ୍ତ ହୋଇ ଉଭା ହେବ। ନିଜ ସ୍ଥିତି ବଞ୍ଚାଇବା ପାଇଁ ଅନ୍ୟ ରାଜ୍ୟରେ କଲା ଭଳି ମମତା ମହାନ୍ତଙ୍କୁ ପ୍ରଲୋଭିତ କରି ନିଜ ଦଳକୁ ନେଇଛି ବିଜେପି। ଯଦି ବିଜେପି ଏହିଭଳି ଉପାୟକୁ ଆପଣାଏ ତାହାହେଲେ ସେମାନେ ବିନାଶମୁଖୀ ଆଡକୁ ଅଗ୍ରସର ହେଉଛନ୍ତି ।




ସମ୍ପାଦକୀୟ
ପୃଷ୍ଠା-୪

THE UTKAL DEEPIKA

ଫୁଲୁଛି ମହାନଦୀ

ମୁଣ୍ଡଳୀରେ ପ୍ରବାହିତ ହେଲା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ

ଆତଙ୍କିତ ଅବସ୍ଥାରେ ତଳିଆ ଅଞ୍ଚଳବାସୀ

ଏସ୍‌ସିବିକୁ ଆସୁନି ରୋଗୀଙ୍କ ଖାଇବା ଖର୍ଚ୍ଚ

ମେ ମାସରୁ ସମସ୍ୟା
୨ କୋଟି ଟପିଲାଣି ବକେୟା


# ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ୱାୟନାଡ଼ ବିପର୍ଯ୍ୟୟ: ବିଷ୍ଣୁ ପ୍ରସାଦଙ୍କ ମୃତଦେହ ଓଡ଼ିଶାରେ ପହଞ୍ଚିଲା

ଭୁବନେଶ୍ୱର, ୧/୮
ନ୍ୟୁଜ ବ୍ୟୁରୋ



ଫାଇଲ୍ ଫଟୋ

କେରଳର ୱାୟନାଡ୍ ଭୂସ୍ଖଳନରେ ମୃତ୍ୟୁବରଣ କରିଥିବା ଓଡ଼ିଆ ଡାକ୍ତର ବିଷ୍ଣୁ ପ୍ରସାଦ ଚିନାରାଙ୍କ ମରଶରୀର ଗୁରୁବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଚୌଦ୍ୱାର ସ୍ଥିତ ତାଙ୍କ ବାସଭବନକୁ ନିଆଯାଇଛି। ଏହି ଦୁର୍ଘଟଣାରେ ଆଉ ଜଣେ ଓଡ଼ିଆ ଡାକ୍ତର ସ୍ୱାଧୀନ ପଣ୍ଡା ଏବେ ବି ନିଖୋଜ ଅଛନ୍ତି । ତାଙ୍କ ସମ୍ପର୍କରେ କୌଣସି ଖୋଜ ଖବର ମିଳୁନି । ବିଷ୍ଣୁଙ୍କ ମୃତଦେହକୁ ଭୁବନେଶ୍ୱରକୁ ଆଣାଯିବା ପରେ ତାଙ୍କ ବାସଭବନକୁ ପଠାଯାଇଛି। ଏହି ଦୁର୍ଘଟଣାରେ ଆହତ ଅନ୍ୟ ଓଡ଼ିଆଙ୍କୁ ମଧ୍ୟ ରାଜ୍ୟକୁ ଫେରାଇ ଆଣିବାର ବ୍ୟବସ୍ଥା କରାଯାଇଛି । ବିଷ୍ଣୁଙ୍କ ଘର କଟକ ଜିଲ୍ଲା ଚୌଦ୍ୱାର ହାଉସିଂ ବୋର୍ଡରେ । ସେ ମେଡିସିନ ବିଭାଗର ଡାକ୍ତର ଥିଲେ । ବିଷ୍ଣୁ, ତାଙ୍କ ପତ୍ନୀ ପ୍ରଭା ପ୍ରିୟଦର୍ଶିନୀ ପାଲ, ବନ୍ଧୁ ଡାକ୍ତର ସ୍ୱାଧୀନ ପଣ୍ଡା ଏବଂ ଝାରସୁଗୁଡ଼ା ବେହେରାମାଲ ଓଏମପି ଛକର ସ୍ୱୀକୃତି ମହାପାତ୍ର ଏକାଠି କେରଳର ୱାୟନାଡ୍ ବୁଲିବାକୁ ଯାଇଥିଲେ । ହୋଟେଲରେ ରହିଥିବା ସମୟରେ ପ୍ରବଳ ବର୍ଷା ସହିତ ଭୂସ୍ଖଳନ ହୋଇଥିଲା । ସ୍ୱୀକୃତି ଓ ପ୍ରିୟଦର୍ଶିନୀଙ୍କୁ ଆଗରୁ ଉଦ୍ଧାର କରାଯାଇଥିଲା । କିନ୍ତୁ ନିଖୋଜ ଥିଲେ ବିଷ୍ଣୁ ଏବଂ ସ୍ୱାଧୀନ । ବିଷ୍ଣୁଙ୍କ ମୃତଦେହ ବୁଧବାର ମିଳିଥିବା ବେଳେ ଏଯାଏଁ ସ୍ୱାଧୀନଙ୍କ ପତ୍ତା ମିଳିନାହିଁ । ଭୂସ୍ଖଳନରେ ମୃତାହତ ଓଡ଼ିଆଙ୍କୁ ଓଡ଼ିଶା ଫେରାଇ ଆଣିବା ସହ ଆହତଙ୍କ ଚିକିତ୍ସା ବାବଦରେ ଅଧିକ ତଥ୍ୟ ନେବାକୁ ୱାୟନାଡ ଯାଇଛନ୍ତି ଓଡ଼ିଶା ପରିବାରର ଅଧ୍ୟକ୍ଷ ଦିଲ୍ଲୀପ ରାଉତରାୟ ଓ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଅର୍ଘ୍ୟ ପ୍ରଧାନ। ସେମାନେ ଡାକ୍ତର ମୁପେନସ ମେଡିକାଲ କଲେଜ ଓ ହସପିଟାଲର ସୁପରିନଟେଣ୍ଡେଣ୍ଟ ଡାକ୍ତର ମନୋଜ ନାରାୟଣଙ୍କ ସହ ଆଲୋଚନା କରିଛନ୍ତି । ବିଷ୍ଣୁଙ୍କ ପତ୍ନୀ ପ୍ରିୟଦର୍ଶିନୀଙ୍କ ବାପା ଓ ସଂପର୍କୀୟଙ୍କ ସହ ଆଲୋଚନା କରିଛି ଓଡ଼ିଶା ପରିବାର ଟିମ୍ ।


DSPL-58

# ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ
## ସଚେତନତା ଅଭିଯାନ
୧ ଅଗଷ୍ଟ - ୩୦ ସେପ୍ଟେମ୍ବର ୨୦୨୪





- ବର୍ଷାଦିନେ ଡେଙ୍ଗୁ ରୋଗର ପ୍ରାଦୁର୍ଭାବ ଅଧିକ । ଡେଙ୍ଗୁ ରୋଗର ବାହକ ଏଡିସ୍ ମଶା ଘର ମଧ୍ୟରେ ବା ଘର ନିକଟରେ କୌଣସି ସ୍ଥାନରେ ଜମିଥିବା ପରିଷ୍କାର ତଥା ସ୍ୱଚ୍ଛ ପାଣିରେ ଡିମ୍ବ ଦିଏ ।
- ଏହି ମଶା ସକାଳ ଓ ସନ୍ଧ୍ୟା ସମୟ ଏବଂ ଦିନ ବେଳେ ମଧ୍ୟ କାମୁଡ଼ିଥାଏ।
- ଡେଙ୍ଗୁ ପ୍ରତିରୋଧ ପାଇଁ ଘରେ ଥିବା ବିଭିନ୍ନ ପାତ୍ର ଏବଂ ଫୁଲକୁଣ୍ଡ ଆଦିରେ କିମ୍ବା ଘର ଚାରିପାଖରେ ଜମି ରହୁଥିବା ପାଣିକୁ ଅନ୍ତତଃ ୨/୩ ଦିନରେ ନିଷ୍କାସନ କରିଦିଅନ୍ତୁ।
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ବ୍ୟବହାର କରନ୍ତୁ।
- ଜ୍ୱର, ଗଣ୍ଠିବିନ୍ଧା, ଆଖିରେ ଯନ୍ତ୍ରଣା ହେଲେ ତୁରନ୍ତ ଡେଙ୍ଗୁ ପରୀକ୍ଷା କରି ଚିକିତ୍ସା କରନ୍ତୁ।

ସରକାରୀ ଡାକ୍ତରଖାନାରେ ଡେଙ୍ଗୁ ରୋଗୀଙ୍କ ପାଇଁ ପରୀକ୍ଷା ଓ ଚିକିତ୍ସା ବିନାଦେୟରେ ଉପଲବ୍ଧ ।

OIPR-10003/13/0049/2425

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା